ଆଜି - ସୋମବାର
ତାରିଖ - ୧୫ ଜୁନ୍ ୨୦୨୬
ମାସ - ମିଥୁନ୍, ଦିନ - ୦୧
ତିଥି - ଅମାବାସ୍ୟା, ପକ୍ଷ- କୃଷ୍ଣ
ନକ୍ଷତ୍ର - ପ୍ରତିପଦ କ୍ଷୟ, ମୃଗଶିରା, ବୃଷ ଚନ୍ଦ୍ର
ସୂର୍ଯ୍ୟୋଦୟ - ୫: ୧୧: ୦୦
ସୂର୍ଯ୍ୟାସ୍ତ - ୬ : ୨୩: ୦୦

ସତ ଖବର ସମସ୍ତଙ୍କ ଖବର

# ଆଜିକାଲି

Morning Edition AJIKALI ପ୍ରଭାତୀ ସଂସ୍କରଣ

ପ୍ରତିଷ୍ଠାତା - ବିସ୍ମୟ ମହାନ୍ତି

E-mail: ajikalibls@gmail.com

E-News : www.Ajikali epaper.com

Vol.- 41 ISSUE- 62 R.N.I. REGD. No. 44026/86 ବାଲେଶ୍ୱର ୧୫ ଜୁନ୍ ୨୦୨୬ ସୋମବାର BALASORE 15 JUNE 2026 MONDAY "REGISTERED" REGISTRATION NO. BALASORE (ORISSA)/003/2023-24 Rupees - 2.00 ମୂଲ୍ୟ – ଟ.୨.୦୦





## ଭାରତ ଇନୋଭେଟ୍ସ ୨୦୨୬ରେ ଯୋଗଦେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ଆଜି ନାଇସ୍ ସହରସ୍ଥିତ ପାଲାଇସ୍ ଡେସ୍ ଏକ୍ସପୋଜିସନ୍ସରେ ମିଳିତ ଭାବରେ 'ଭାରତ ଇନୋଭେଟ୍ସ ୨୦୨୬'ର ଉଦଘାଟନ କରିଛନ୍ତି । ଏହି ତିନି ଦିନିଆ କାର୍ଯ୍ୟକ୍ରମ ଭାରତର ଡିପ୍-ଟେକ୍ ଷ୍ଟାର୍ଟ-ଅପ୍ସ, ନବସୃଜନକାରୀ, ଗବେଷକ ଏବଂ ନିବେଶକମାନଙ୍କୁ ବିଶ୍ୱ ନବସୃଜନ ପାଣି ଏବଂ ଅନ୍ତର୍ଜାତୀୟ ସଂସ୍ଥାମାନଙ୍କ ସହ ଯୋଡ଼ିବାକୁ ଲକ୍ଷ୍ୟ ରଖିଛି । ଏହା ବିଶ୍ୱ ସ୍ତରରେ ଭାରତର ଅଗ୍ରଣୀ ଡିପ୍-ଟେକ୍ ପ୍ରଦର୍ଶନ କରିଥାଏ ତଥା ୧୩ ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତି କ୍ଷେତ୍ରରେ ୧୨୦ ଉନ୍ନତ ଷ୍ଟାର୍ଟଅପ୍, ୨୦ରୁ ଅଧିକ ଉତ୍କର୍ଷ ପ୍ରତିଷ୍ଠାନର ଉପସ୍ଥାପିତ କରିଥାଏ । ବିଶ୍ୱର ୩୫୦ରୁ ଅଧିକ ଶ୍ରେଷ୍ଠ ନିବେଶକ ଏବଂ ଭେଂଚର କ୍ୟାପିଟାଲିଷ୍ଟ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ମାକ୍ରୋନ୍ ଆୟୋଜିତ ସମାବେଶକୁ ସମ୍ବୋଧିତ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ରାଷ୍ଟ୍ରପତି ମାକ୍ରନଙ୍କୁ ତାଙ୍କର ଉପସ୍ଥିତି ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ ଉଲ୍ଲେଖ କରିଥିଲେ ଯେ ଭାରତ ଏବଂ ଫ୍ରାନ୍ସ ଉଭୟ ବିଶ୍ୱ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଦୃଢ଼ ଅଂଶୀଦାର ଭାବରେ କାର୍ଯ୍ୟ କରୁଛନ୍ତି । ଏହି ପରିପ୍ରେକ୍ଷୀରେ, ସେ ଅନ୍ତର୍ଜାତୀୟ ସୌର ମେଂଟ ଭଳି ଭାରତ-ଫ୍ରାନ୍ସ ମିଳିତ ପଦକ୍ଷେପ, ଏବଂ କୃତ୍ରିମ ବୁଦ୍ଧିମତା ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସ୍ଥିରତା ଏବଂ ସୁରକ୍ଷା ପ୍ରୋତ୍ସାହନ କ୍ଷେତ୍ରରେ ଆଲୋକପାତ କରିଥିଲେ । ପାଳନ ହେଉଥିବା ଭାରତ-ଫ୍ରାନ୍ସ ନବସୃଜନ ବର୍ଷ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିଶ୍ୱ କଲ୍ୟାଣ ପାଇଁ କାମ କରିବା ପାଇଁ ଉଭୟ ଦେଶର ମିଳିତ ସଂକଳ୍ପରେ 'ଭାରତ ଇନୋଭେଟ୍ସ' ଆଉ ଏକ ମାଇଲଖୁଂଟ । ଭାରତରେ ଷ୍ଟାର୍ଟ-ଅପ୍ ବିପ୍ଳବକୁ ଉଲ୍ଲେଖ କରି ସେ ଗ୍ରାମୀଣ ବିକାଶ ପାଇଁ ଏଆଇ ଏବଂ ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟାର ପରିବର୍ତ୍ତନଶୀଳ ସମ୍ଭାବନା, ସ୍ଥାୟୀ ଜୀବନଯାପନ ପାଇଁ ଉନ୍ନତ ଉତ୍ପାଦନ, ଏବଂ ସ୍ୱଚ୍ଛ ବିକାଶ ପାଇଁ ସବୁଜ ହାଇଡ୍ରୋଜେନ୍, ବ୍ୟାଟେରୀ ପ୍ରଯୁକ୍ତିବିଦ୍ୟା ଏବଂ ବୈଦ୍ୟୁତିକ ଗତିଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ ଯେ ଡିଜିଟାଲ୍ ଯୁଗରେ ଚାଲିଥିବା ପ୍ରଯୁକ୍ତିବିଦ୍ୟା ବିପ୍ଳବ ମାନବଜାତି ପାଇଁ ନୂତନ ସୁଯୋଗ ପ୍ରଦାନ କରୁଛି । ଏହି ପରିପ୍ରେକ୍ଷୀରେ, ସେ 'ଭାରତ ଇନୋଭେଟ୍ସ'ରେ ଏକତ୍ରିତ ହୋଇଥିବା ଉଦ୍ଭାବକ, ନିବେଶକ ଏବଂ ଉଦ୍ୟୋଗୀମାନଙ୍କୁ ଏପରି ପ୍ରଯୁକ୍ତିବିଦ୍ୟା ବିକଶିତ କରିବାକୁ ଆହ୍ୱାନ କରିଥିଲେ ଯାହା ନିର୍ଭରଯୋଗ୍ୟ, ସମାବେଶୀ ଏବଂ ମାନବ-କେନ୍ଦ୍ରିକ ହୋଇଥିବ । ସେ ଗୁରୁତ୍ୱାରୋପ କରିଥିଲେ ଯେ ଷ୍ଟାର୍ଟ-ଅପ୍ସଗୁଡ଼ିକୁ କେବଳ ସେମାନଙ୍କର ବଜାର ମୂଲ୍ୟାଙ୍କନ ଦ୍ୱାରା ନୁହେଁ, ବରଂ ମାନବଜାତି ଉପରେ ସେମାନଙ୍କର ପ୍ରଭାବ ଦ୍ୱାରା ମଧ୍ୟ ମୂଲ୍ୟାଙ୍କନ କରାଯିବା ଉଚିତ । ଏହା ହିଁ 'ଭାରତ ଇନୋଭେଟ୍ସ'ର ମୂଳ ବାର୍ତ୍ତା ବୋଲି ଉଲ୍ଲେଖ କରି ସେ ଉପସ୍ଥିତ ଲୋକମାନଙ୍କୁ ବିଶ୍ୱ ନବସୃଜନର ପରବର୍ତ୍ତୀ ଅଧ୍ୟାୟକୁ ମିଳିତଭାବେ ସୃଷ୍ଟି କରିବାରେ ଭାରତ ସହିତ ହାତ ମିଳାଇବାକୁ ଆମନ୍ତ୍ରଣ କରିଥିଲେ । ପ୍ରଧାନମନ୍ତ୍ରୀ କ୍ୱାଂଟମ୍ କମ୍ପ୍ୟୁଟିଂ, ସେମିକଣ୍ଡକ୍ଟର, ଜୈବ ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା, ମହାକାଶ, ସ୍ୱାସ୍ଥ୍ୟସେବା, ଚିକିତ୍ସା-ପ୍ରଯୁକ୍ତିବିଦ୍ୟା, ଉନ୍ନତ ସାମଗ୍ରୀ ଏବଂ ସ୍ୱଚ୍ଛ ଶକ୍ତି ଭଳି ଅତ୍ୟାଧୁନିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଷ୍ଟାର୍ଟ-ଅପ୍ ଏବଂ ନବସୃଜନକାରୀଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ । ଏହା ପରେ ଉଭୟ ନେତା ପ୍ରଦର୍ଶନୀ ପରିଦର୍ଶନ କରିଥିଲେ ଏବଂ ବିଭିନ୍ନ ଅଗ୍ରଣୀ କ୍ଷେତ୍ରର ଷ୍ଟାର୍ଟ-ଅପ୍ ଏବଂ ନବସୃଜନକାରୀଙ୍କ ସହିତ ଆଲୋଚନା କରିଥିଲେ । 'ଭାରତ ଇନୋଭେଟ୍ସ' ଭାରତକୁ ଏକ ବିଶ୍ୱସ୍ତରୀୟ ନବସୃଜନ କେନ୍ଦ୍ରରେ ପରିଣତ କରିବା ପାଇଁ ଭାରତ ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ରେଖାଙ୍କିତ କରୁଛି, ଯାହା ବିକଶିତ ଭାରତର ପରିକଳ୍ପନା ସହ ସମାନ ଏବଂ ବିଶ୍ୱ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଅବଦାନ ଦେବାରେ ଭାରତ-ଫ୍ରାନ୍ସ ସହଯୋଗର ଗୁରୁତ୍ୱକୁ ଦର୍ଶାଉଛି ।




## ରାଜ୍ୟବାସୀଙ୍କୁ ରଜ ପର୍ବର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ



କେନ୍ଦୁଝର : କେନ୍ଦୁଝର ଗସ୍ତରେ ଆସି ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ କେନ୍ଦୁଝର ଜିଲ୍ଲା ତଥା ରାଜ୍ୟବାସୀଙ୍କୁ ରଜର ଶୁଭେଚ୍ଛା ଜଣାଇଛନ୍ତି । ରଜପର୍ବକୁ ଓଡ଼ିଶାବାସୀ ଗଣପର୍ବ ରୂପେ ପାଳନ କରୁଥିବା ବେଳେ, କେନ୍ଦୁଝର ମାଟିରୁ ପହିଲି ରଜରେ ରାଜ୍ୟବାସୀଙ୍କୁ ରଜପର୍ବର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । କେନ୍ଦୁଝରରେ ପହିଲି ରଜରେ ମୁଖ୍ୟମନ୍ତ୍ରୀ ରଜପିଠା ଖାଇବାର ସୌଭାଗ୍ୟପ୍ରାପ୍ତ ହୋଇଥିବା ପ୍ରକାଶ କରିଛନ୍ତି । ପ୍ରକୃତିର ପର୍ବ ରଜପର୍ବ, ଚାଷକାମ ଆରମ୍ଭ ରଜପର୍ବରୁ ହିଁ ହୋଇଥାଏ ବୋଲି ମୁଖ୍ୟମନ୍ତ୍ରୀ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଏଥିସହ, ରଜପର୍ବରେ ସେ କେନ୍ଦୁଝର ତଥା ଓଡ଼ିଶାବାସୀଙ୍କର ସମୃଦ୍ଧି କାମନା କରିଛନ୍ତି । ଆଜି କେନ୍ଦୁଝର ଜିଲ୍ଲା ଗସ୍ତର ଦ୍ୱିତୀୟ ଦିନରେ ସେ ପୂର୍ବତନ ବିଜେପି ଜିଲ୍ଲା ସଭାପତି ବିଭୂତି ଭୂଷଣ ପ୍ରଧାନଙ୍କ ଏକାଦଶାହ ଦିବସରେ ଯୋଗ ଦେଇଥିଲେ । ପରିବାର ଲୋକଙ୍କ ସହିତ ମିଶି ସମବେଦନା ଜଣାଇବା ସହ ସ୍ୱର୍ଗତ ପ୍ରଧାନଙ୍କ ଫଟୋ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେଇଥିଲେ । ଶେଷରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ କୁନି କୁନି ପିଲାଙ୍କ ସହିତ ହାତ ମିଳାଇ ରଜର ଶୁଭେଚ୍ଛା ଜଣାଇଥିଲେ । ଏହାପରେ ସେ ସଡ଼କ ପଥରେ ଭୁବନେଶ୍ୱର ଫେରି ଯାଉଛନ୍ତି ।

## ଅଳ୍ପରେ ଖବର

» ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ବିଶ୍ୱ ରକ୍ତଦାତା ଦିବସ ଅବସରରେ ରକ୍ତଦାନ ପାଇଁ ସଚେତନତା ସୃଷ୍ଟି କରିବାକୁ ଆହ୍ୱାନ ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଏବଂ ଶୁଭକାମନା ।

» ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପବିତ୍ର ରଜ ପର୍ବ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି ନାରୀ ଓ ପ୍ରକୃତି ପୂଜନର ଅନନ୍ୟ ପ୍ରତୀକ, ରାଜ୍ୟର ଗଣପର୍ବ ରଜ ଉପଲକ୍ଷେ ସମସ୍ତ ଓଡ଼ିଶାବାସୀଙ୍କୁ ମୋର ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ।

» ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା ପବିତ୍ର ରଜ ପର୍ବ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ଓଡ଼ିଶାର ଗଣପର୍ବ, ଗଣମାଟି ଓ ଗଣସଂସ୍କୃତିର ଅନନ୍ୟ ପ୍ରତୀକ 'ପହିଲି ରଜ' ଉପଲକ୍ଷେ ସମସ୍ତ ମାଆ, ଭଉଣୀ ଓ ରାଜ୍ୟବାସୀଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ।

## କୋଣାର୍କରେ ୧୦୮ 'ସୂର୍ଯ୍ୟ ପ୍ରଣାମ' ଅଭ୍ୟାସ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କଲେ ରାଜ୍ୟପାଳ

କୋଣାର୍କ : ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ପରିସରରେ 'ସୂର୍ଯ୍ୟ ପ୍ରଣାମ' ଅନୁଷ୍ଠିତ । କାର୍ଯ୍ୟକ୍ରମରେ ଅତିଥିଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପର୍ତି ଯୋଗଦେଇ ଉଦଘାଟନ କରିଛନ୍ତି । ସୂଚନା । ଅନୁଯାୟୀ, ରବିବାର ପୂର୍ବାହ୍ନରେ କୋଣାର୍କ 'ସୂର୍ଯ୍ୟ ପ୍ରଣାମ' ଅନୁଷ୍ଠିତ ହୋଇଯାଇଛି । ସୂର୍ଯ୍ୟମନ୍ଦିର ବେଢ଼ା ପରିସରରେ ସମୁହ ୧୦୮ ସୂର୍ଯ୍ୟ ପ୍ରଣାମ ଅଭ୍ୟାସ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଯୋଗ ଦେଇ ସୂର୍ଯ୍ୟ ପ୍ରଣାମ କରିଛନ୍ତି । ଅନ୍ୟମାନଙ୍କ ଭିତରେ ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା, ଏଏସଆଇ ସର୍କଲ ସୁପରିଟେଣ୍ଡେଟ ଡ. ମିଥୁନ ଚାଓଲେ, ପର୍ଯ୍ୟଟନ ସହ-ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, କୋଣାର୍କ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦ୍ୟୁମ୍ନ ଜେନା, କୋଣାର୍କ ଯାତ୍ରୀନିବାସ ପରିଚାଳକ ବାପି ରଞ୍ଜନ ସାହୁ ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ । ରାଜ୍ୟପାଳଙ୍କ ଗସ୍ତରେ ସମୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା ।



## ଓଡ଼ିଶାରେ ଏସଆଇଆର ପ୍ରକ୍ରିୟା ୯୮.୯୫ ପ୍ରତିଶତରେ ପହଂଚିଲା

ଭୁବନେଶ୍ୱର : ଓଡ଼ିଶାରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ଏବେ ଦ୍ରୁତ ପର୍ଯ୍ୟାୟରେ ରେକର୍ଡ ସଂଖ୍ୟକ ୯୮.୯୫ ପ୍ରତିଶତ ରେ ପହଂଚିଛି । ସେହିପରି ଏବେ ସୁଦ୍ଧା ଡିଜିଟାଇଜେସନ ୩୪.୫୪ ପ୍ରତିଶତ ଅର୍ଥାତ ୧କୋଟି ୧୫ଲକ୍ଷ୩୬ହଜାର ୫୩୭ ଭୋଟଙ୍କର ଡିଜିଟାଇଜେସନ କରାଯାଇଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ଭୋଟର ତାଲିକାକୁ ଅଧିକ ସ୍ୱଚ୍ଛ, ସଠିକ୍ ଓ ବ୍ୟବସ୍ଥିତ କରିବା ପାଇଁ ବ୍ୟାପକ ସ୍ତରରେ ପରିଗଣନା ଫର୍ମ ବଂଟନ, ସଂଗ୍ରହ ଏବଂ ଏହାର ଡିଜିଟାଇଜେସନ କାର୍ଯ୍ୟ ଯୁଦ୍ଧକାଳୀନ ଭିତିରେ ଜାରି ରହିଛି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ରିପୋର୍ଟ ଅନୁଯାୟୀ, ଜୁନ ୧୪ ସନ୍ଧ୍ୟା ୬ଟା ସୁଦ୍ଧା ରାଜ୍ୟରେ ଭୋଟର ସଂଶୋଧନ କାର୍ଯ୍ୟରେ ଉଲ୍ଲେଖନୀୟ ସଫଳତା ମିଳିଛି ।ଆଜି ସୁଦ୍ଧା୯୮.୯୫ ପ୍ରତିଶତ ଫର୍ମ ବଂଟନ ଅର୍ଥାତ ୩ କୋଟି ୩୦ ଲକ୍ଷ ୪୯ହଜାର ୧୮୮ ଜଣ ଭୋଟର ଙ୍କ ପାଖରେ ଫର୍ମ ବଂଟନ ପ୍ରକ୍ରିୟା ଶେଷ ହୋଇଛି । ଏହି ପ୍ରକ୍ରିୟାରେ ସୁନ୍ଦରଗଡ ଜିଲ୍ଲା ରାଜ୍ୟରେ ଶତ ପ୍ରତିଶତ ଫର୍ମ ବଂଟନ କରି ସର୍ବାଗ୍ରେ ରହିଛି ।ଜିଲ୍ଲାର ପ୍ରତ୍ୟେକ ଯୋଗ୍ୟ ଭୋଟରଙ୍କ ପାଖରେ ପରିଗଣନା ଫର୍ମ ପହଂଚାଇବାରେ ପ୍ରଶାସନ ସମ୍ପୂର୍ଣ୍ଣ ସଫଳ ହୋଇଛି ।କେବଳ ଫର୍ମ ବଂଟନ ନୁହେଁ, ବରଂ ସଂଗୃହିତ ତଥ୍ୟକୁ ଡିଜିଟାଇଜେସନ କରିବାରେ ମଧ୍ୟ ଜିଲ୍ଲା ଆଗୁଆ ରହିଛି । ଆଜି ସୁଦ୍ଧା ସୁନ୍ଦରଗଡ଼ ଜିଲ୍ଲାର ୬୨.୭୧ ପ୍ରତିଶତ ଭୋଟରଙ୍କ ଫର୍ମର ଡିଜିଟାଇଜେସନ କାର୍ଯ୍ୟ ସଫଳତାର ସହ ଶେଷ ହୋଇଛି । ରାଜ୍ୟର ପ୍ରାୟ ୯୯% ଭୋଟରଙ୍କ ପାଖରେ ଫର୍ମ ପହଂଚି ସାରିଥିବାରୁ ଏବେ ପ୍ରଶାସନର ସମ୍ପୂର୍ଣ୍ଣ ଫୋକସ୍ ଡିଜିଟାଇଜେସନ ଉପରେ ରହିଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ହାରାହାରି ୩୪.୫୪% ଡିଜିଟାଇଜେସନ ହୋଇଥିବାରୁ, ଆଗାମୀ ଦିନରେ ଏହି ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରାଯିବ । ଏହି ଡିଜିଟାଇଜେସନ ପ୍ରକ୍ରିୟା ଶେଷ ହେବା ପରେ, ଭୋଟର ତାଲିକାରୁ ମୃତ ଓ ସ୍ଥାନାନ୍ତରିତ ଓ ହୋଇଥିବା ଭୋଟରଙ୍କ ନାମ ବାଦ୍ ଦିଆଯିବ ଏହାପରେ ଏକ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ଏହି କାର୍ଯ୍ୟରେ ନିୟୋଜିତ ଥିବା ବୁଥ୍ ସ୍ତରୀୟ ଅଧିକାରୀମାନଙ୍କୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କାମ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ୨୮ ଜୁନ ୨୦୨୬ ତାରିଖ ପୂର୍ବରୁ ପରିଗଣନା ଫର୍ମ ବଂଟନ, ସଂଗ୍ରହ ଏବଂ ଡିଜିଟାଇଜେସନ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । ସ୍ଥାନୀୟ ଅଂଚଳରେ ଘରକୁ ଘର ବୁଲି କାର୍ଯ୍ୟ କରୁଥିବା ବି ଏଲ ଓ ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ସମୟସୀମା ପୂର୍ବରୁ ଫର୍ମ ଦାଖଲ କରିବା ପାଇଁ ସମସ୍ତ ଭୋଟରଙ୍କୁ ଅନୁରୋଧ କରାଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ପରିଗଣନା ଫର୍ମ ଦାଖଲ ନକଲେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ସମ୍ପର୍କରେ ନିୟମାନୁସାରେ ଯାଂଚ ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ହେବ । ସେଥିପାଇଁ ସମସ୍ତ ଯୋଗ୍ୟ ଭୋଟରଙ୍କୁ ନିଜର ପରିଗଣନା ଫର୍ମ ଶୀଘ୍ର ଦାଖଲ କରିବାକୁ କୁହାଯାଇଛି ।




## ରାଜ୍ୟରେ ଜୁନ୍ ୧୮ ପର୍ଯ୍ୟନ୍ତ ବର୍ଷା ସମ୍ଭାବନା



ଭୁବନେଶ୍ୱର: ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିବା ପରେ ପାଗ ଅନୁକୂଳ ରହିଛି । ବର୍ତ୍ତମାନ ମୌସୁମୀ ବାୟୁ ପାରାଦୀପ ଓ ବାରିପଦା ଦେଇ ଗତି କରୁଛି । ଆସନ୍ତା ୨ରୁ ୩ ଦିନ ମଧ୍ୟରେ ଓଡ଼ିଶାର ଆଉ କିଛି ଅଂଶକୁ ମୌସୁମୀ ଛୁଇଁବା ସହ ବର୍ଷା ହେବ ବୋଲି ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ପାଣିପାଗ ବିଭାଗ କହିଛି, ରବିବାର ରାଜ୍ୟର ଅଳ୍ପ କେତେକ ସ୍ଥାନରେ ବର୍ଷା ସମ୍ଭାବନା ଥିବାବେଳେ ରାୟଗଡ଼ା, କୋରାପୁଟ, ମାଲକାନଗିରି ଏବଂ ଗଜପତି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡ଼ଘଡ଼ି ଓ ବିଜୁଳି ସହିତ ପ୍ରବଳ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡ଼ିକୁ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଉପକୂଳ ଓଡ଼ିଶାରେ ଗରମ, ଗୁଳୁଗୁଳି ଲାଗି ରହିପାରେ । ସେହିପରି ମଧ୍ୟମ ଧରଣର ଝଡ଼ ବର୍ଷା ପାଇଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ସୁବର୍ଣ୍ଣପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ଼ ଜିଲ୍ଲାକୁ ଗରମ ଓ ଗୁଳୁଗୁଳି ନେଇ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## ଓଡ଼ିଆ ସଂସ୍କୃତି ପରମ୍ପରା ଏବଂ ନାରୀ ସମ୍ମାନର ପ୍ରତୀକ ରଜପର୍ବ ଘରେ ଘରେ ମହା ଆଡ଼ମ୍ବରରେ ପାଳନ କରାଯାଉଛି

ଭୁବନେଶ୍ୱର: ବର୍ଷାର ପ୍ରଥମ ଛୁଆଁ, ମାଟିର ସୁଗନ୍ଧ ଏବଂ ଆମ୍ବ ବଗିଚାରେ ଝୁଲୁଥିବା ରଙ୍ଗିନ ଦୋଳି...ଏହି ସବୁକିଛି ସହ ଆସେ ଓଡ଼ିଶାର ଗଣପର୍ବ ରଜ । ଯେଉଁଠି ଆଜି ବି ଋତୁସ୍ରାବ କଥା ପଡିଲେ ମଣିଷ ଟିକେ ଅସହଜ ହୋଇଉଠେ, ସେଠି ରାଜ୍ୟ ଓଡିଶା ଏହାକୁ ଧୁମଧାମରେ ପାଳନ କରେ । ଧରିତ୍ରୀ ମାତ୍ରା ରଜସ୍ୱଳା ହୋଇଥିବା ବେଳେ ତାହାର ସମାନର୍ଥେ ପୂରା ୫ ଦିନର ମଉଜ ପାଳେ ଓଡିଶା । ଆଜି ପହିଲି ରଜ, ରଜ ପର୍ବର ପ୍ରଥମ ଦିନ । ଏହା କେବଳ ଏକ ପର୍ବ ନୁହେଁ, ବରଂ ନାରୀତ୍ୱ, ପ୍ରକୃତି ଏବଂ ଜୀବନର ଉତ୍ସବ । ଯାହାକୁ ମୂଳତଃ ୫ ଦିନ ପାଳନ କରାଯାଏ । ସଜବାଜ, ପହିଲି ରଜ, ରଜ ସଂକ୍ରାନ୍ତି, ଶେଷ ରଜ ଏବଂ ବସୁମତି ସ୍ନାନ । ଓଡ଼ିଆ ପରମ୍ପରା ଅନୁଯାୟୀ, ପହିଲି ରଜରୁ ଶେଷ ରଜ ପର୍ଯ୍ୟନ୍ତ, ଏହି ତିନି ଦିନ ଧରି ଧରିତ୍ରୀ ମା' ରଜସ୍ୱଳା ହୁଅନ୍ତି । ତେଣୁ ଚାଷ କାର୍ଯ୍ୟ ବନ୍ଦ ରହେ, ମାଟିକୁ ଖୋଳାଯାଏ ନାହିଁ । ଯେପରି ଜଣେ ନାରୀଙ୍କୁ ବିଶ୍ରାମ ଏବଂ ସମ୍ମାନ ଦିଆଯାଏ, ସେହିପରି ଧରିତ୍ରୀ ମା'ଙ୍କୁ ମଧ୍ୟ ଏହି ସମୟରେ ବିଶ୍ରାମ ଦିଆଯାଏ । ଆଉ ବସୁମତୀ ସ୍ନାନ ଦିନ ଧରିତ୍ରୀ ମାତାକୁ ଗାଧୋଇ ଦେଇ ,ପୂଜା କରି ଏହି ପର୍ବ ମଉଜକୁ ଶେଷ କରନ୍ତି ଓଡିଶାବାସୀ । ଏହା ହେଉଛି ମଣିଷ ଓ ପ୍ରକୃତିର ଅଦ୍ଭୁତ ସମ୍ପର୍କର ପ୍ରତୀକ । ପହିଲି ରଜ ସକାଳରୁ ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଦେଖିବାକୁ ମିଳେ ରଙ୍ଗବେରଙ୍ଗର ଦୋଳି । ନୂଆ ପୋଷାକ ପିନ୍ଧି, ଭଳିକି ଭଳି ସଜେଇ ହୋଇ ଝିଅମାନେ ଦୋଳି ଖେଳନ୍ତି, ରଜ ଗୀତ ଗାଆନ୍ତି ଏବଂ ସାଙ୍ଗସାଥୀଙ୍କ ସହ ଆନନ୍ଦ ଉପଭୋଗ କରନ୍ତି । ହସ, ଗୀତ ଓ ଉତ୍ସାହରେ ଭରିଯାଏ ପରିବେଶ । ଆଉ ରଜ ଆସିଲେ ମନେ ପଡ଼େ ପୋଡ଼ପିଠା । ଘରେ ଘରେ ପ୍ରସ୍ତୁତ ହୁଏ ଏହି ପାରମ୍ପରିକ ପିଠା । ସାଙ୍ଗକୁ ବିଭିନ୍ନ ପ୍ରକାର ପିଠା, ମିଠା ଓ ଋତୁକାଳୀନ ଫଳର ସ୍ୱାଦରେ ମୁଖରିତ ହୋଇଉଠେ ପରିବାର । ହେଲେ ଆଜିର ଏ ବ୍ୟସ୍ତତା ବହୁଳ ଜୀବନ ଆଉ ଆଧୁନିକ ଚାଲିଚଳନିରେ ଆଉ ପୂର୍ବ ରଜର ସେ ବାସ୍ନା କି ଅନୁଭବ ନାହିଁ । ମନେ ହୁଏ କେଉଁଠି ହଜିଗଲାଣି ସେ ପୁରୁଣା ଦିନ । ତଥାପି ଆଜିର ବ୍ୟସ୍ତ ଜୀବନରେ ଓଡିଆ ପରମ୍ପରାର ଏହି ରଜ ପାଳନ ଆମକୁ ଶିଖାଏ, କିଛି ସମୟ ପାଇଁ ବିଶ୍ରାମ ନିଅ, ପ୍ରକୃତିକୁ ଅନୁଭବ କର, ନାରୀଙ୍କୁ ସମ୍ମାନ ଦିଅ ଏବଂ ସମ୍ପର୍କକୁ ସମୟ ଦିଅ । ପହିଲି ରଜର ଏହି ପବିତ୍ର ଅବସରରେ ଓଡ଼ିଶା ପୁଣିଥରେ ଦୋଳିର ତାଳେ, ଗୀତର ସୁରରେ ଏବଂ ପୋଡ଼ପିଠାର ସୁଗନ୍ଧରେ ଉତ୍ସବମୁଖର ହୋଇଉଠିଛି । "ରଜ କେବଳ ଏକ ପର୍ବ ନୁହେଁ; ଏହା ହେଉଛି ନାରୀତ୍ୱର ସମ୍ମାନ, ପ୍ରକୃତି ପ୍ରତି କୃତଜ୍ଞତା ଏବଂ ଓଡ଼ିଆ ଅସ୍ମିତାର ଗୌରବ ।" ତେଣୁ ଆସନ୍ତୁ ମିଶିକି ଏହାର ମଜା ନେବା ।












# ରଜ ମହୋତ୍ସବ କାର୍ଯ୍ୟକ୍ରମରେ ଯୋଗଦେଲେ ଦୁଇ ବିଧାୟକ

ବାଲେଶ୍ୱର(ନି.ପ୍ର.)ପ୍ରତିଭାରାଣୀ ରଜ ମହୋତ୍ସବର ଅନ୍ତିମ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଦୁଇ ବିଧାୟକ ଓ ବାଲେଶ୍ୱର ପୌରପାଳିକାର ଅଧ୍ୟକ୍ଷା । ଖବରରୁ ପ୍ରକାଶଯେ, ୧୩ ତାରିଖ ସଂଧ୍ୟାରେ ମାନସିଂବଜାର ସ୍ଥିତ ପ୍ରତିଭାରାଣୀ କଳାକ୍ଷେତ୍ର ପକ୍ଷରୁ ଆୟୋଜିତ ରଜ ମହୋତ୍ସବର ଅନ୍ତିମ କାର୍ଯ୍ୟକ୍ରମରେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ ଓ ବସ୍ତା ବିଧାୟିକା ସୁବାସିନୀ ଜେନା ଏବଂ ବାଲେଶ୍ୱର ପୌରପାଳିକାର ଅଧ୍ୟକ୍ଷା ସବିତା ସାହୁ ପ୍ରମୁଖ ମୁଖ୍ୟ ଅତିଥି, ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ଭୁୟସୀ ପ୍ରଶଂସା କରିବା ସଂଗେ ସଂଗେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରକାଶଯେ, ବାଲେଶ୍ୱର ମାନସିଂବଜାର ସ୍ଥିତ





ପ୍ରତିଭାରାଣୀ କଳାକ୍ଷେତ୍ର ପକ୍ଷରୁ ଓଡ଼ିଶା ଲଳିତକଳା ଏକାଡ଼େମୀ ଭୁବନେଶ୍ୱର ମାଧ୍ୟମରେ ପବିତ୍ର ରଜ ଉତ୍ସବ ପାଳିତ ହୋଇଯାଇଛି । ପ୍ରତ୍ୟେକବର୍ଷ ପରି ଗତ ୧୦ତାରିଖ ଠାରୁ ଛୋଟ ଛୋଟ ଶିଶୁ କଳାକାରମାନଙ୍କୁ ନେଇ ସଂଗୀତ, ନାଟକ, ଆର୍ଟ କଂପିଟିସନ, ଚିତ୍ରାଙ୍କନ ଇତ୍ୟାଦି କାର୍ଯ୍ୟକ୍ରମ ସୁବର୍ଣ୍ଣରେଖା ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ବୈଜ୍ଞାନିକ ଅଭିଜିତ ଜେନା, ଡିଆରଡିଓର ଟେକ୍ନିସିଆନ ଅଭ୍ୟୁଦୟ ଦାସ, ଏବଂ ଖାଉଟି ଖଣ୍ଡପୀଠ ଭଦ୍ରକର ଅନ୍ୟତମ ମୁଖ୍ୟ କାଉନସେଲିଂ ଶିବଦାସ କୁଣ୍ଡୁ, ରାଜେଶ କର, ଅଭ୍ୟୁଦୟ ଦାସ ପ୍ରମୁଖ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଐତିହ୍ୟ ସମ୍ପନ୍ନ ରାଜ୍ୟର କଳା, ସଂସ୍କୃତି ପରମ୍ପରା ଓ ବିଭିନ୍ନ ସମୟରେ ଯେଉଁସବୁ ଉତ୍ସବ ପାଳନ ହେଉଛି ସେଥିମଧ୍ୟରୁ ରଜ ମହୋତ୍ସବ ଏକ ମୁଖ୍ୟ ଉତ୍ସବ ବୋଲି ମଂଚାସୀନ ଅତିଥିମାନେ ମତବ୍ୟକ୍ତ କରିଥିଲେ । ସଂଧ୍ୟାର ଝିପା ଝପା ବର୍ଷାରେ ରଜ ଉତ୍ସବରେ ଯୋଗ ଦେଇଥିବା ମହିଳା ଓ ପିଲାମାନଙ୍କର ଖୁସି କହିଲେ ନସରେ ।

# ଉତ୍ସର୍ଗ ବୃଦ୍ଧାଶ୍ରମରେ ପାଳିତ ହେଲା ଡଃ ସୁଧାଂଶୁ ଶେଖର ରାଉତଙ୍କ ଜନ୍ମଦିନ

ବାଲେଶ୍ୱର(ନି.ପ୍ର.) ଅଲ୍ ଓଡିଶା ରିପୋର୍ଟର୍ସ ଆସୋସିଏସନର (ଇଙଜଇ) ରାଜ୍ୟ ସଭାପତି ତଥା ଫୋକସ୍ ପ୍ଲସ୍ ଟିଭିର ପ୍ରତିଷ୍ଠାତା ମୁଖ୍ୟ ସମ୍ପାଦକ ଡଃ ସୁଧାଂଶୁ ଶେଖର ରାଉତଙ୍କ ଜନ୍ମଦିନ ଏକ ବୃଦ୍ଧାଶ୍ରମ ପରିସରରେ ମହା ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରାଯାଇଛି । ଅଲ୍ ଓଡିଶା ରିପୋର୍ଟର୍ସ ଅ । ସୋ । ସି ଏ ସ ନ ର (ଇଙଜଇ)ବାଲେଶ୍ୱର ଶାଖା ପକ୍ଷରୁ ଜିଲ୍ଲା ସଭାପତି ହ୍ରିତିକ ନାୟକ ଓ ସମ୍ପାଦକ କଞ୍ଚମଣି ସ୍ୱାଇଁଙ୍କ ତତ୍ୱାବଧାନରେ ବାଲିଆ ପଂଚାୟତ କୁକୁଡ଼ାପଦା ନିକଟରେ ଥିବା ଉତ୍ସର୍ଗ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କ ସହ ଛେନାପୋଡ଼ କେକ୍ କଟାଯାଇଥିଲା । ଆଶ୍ରମର ଅନ୍ତେବାସୀ ସହ ଏହି ପବିତ୍ର ଜନ୍ମ ଦିନରେ ରଜ ଉତ୍ସବ ପାଳନ କରି ମିଷ୍ଟାନ୍ନ ଓ ଫଳ ବଂଟନ କରାଯାଇ ମଧ୍ୟାହ୍ନ ଭୋଜନର



ବ୍ୟବସ୍ଥା କରଯାଇଥିଲା । ଆଜି ଶୁଭ ଜନ୍ମଦିନ ଅବସରରେ ଡଃ ସୁଧାଂଶୁ ଶେଖର ରାଉତ ଭିଡିଓ କନଫରେନ୍ସିଂ ମାଧମରେ ଯୋଗଦେଇ ବୃଦ୍ଧ ମା' ଓ ବାପାମାନଙ୍କ ସହ କଥାବାର୍ତା କରିଥିଲେ ଏବଂ ସେମାନଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ । ବୃଦ୍ଧାଶ୍ରମର ସଂମ୍ପାଦକ ବିକର୍ତନ ନାୟକ, ପରିଚାଳନା ଦାୟିତ୍ୱରେ ଥିବା ସତ୍ୟଭାମା ମୁଦୁଲି, ସଦସ୍ୟ ଚିତରଞ୍ଜନ ସ୍ୱାଇଁ ଏବଂ ଆଶ୍ରମର ସମସ୍ତ ଅନ୍ତେବାସୀ ଏହି ମହତ୍ କାର୍ଯ୍ୟକ୍ରମରେ ଭାବବିହ୍ୱଳ ହୋଇ ଡଃ ରାଉତଙ୍କ ଦୀର୍ଘାୟୁ, ସୁସ୍ୱାସ୍ଥ୍ୟ ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଆଶୀର୍ବାଦ ପ୍ରଦାନ କରିଥିଲେ । ସମାଜସେବା ସହ ଓଡ଼ିଶାର ଜଣେ ନିର୍ଭୀକ ସାମ୍ବାଦିକ ଭାବରେ ତାଙ୍କ ଅବଦାନକୁ ଉପସ୍ଥିତ ଅତିଥିମାନେ ଉଚ୍ଚ ପ୍ରଶଂସା କରିଥିଲେ ।ଏହି ଅବସରରେ ସାମ୍ବାଦିକ ପ୍ରସନଜିତ ଆସ, ଚନ୍ଦନ ପାଣିଗ୍ରାହୀ, ତପନ ଦାସ, ଜୀବନ ସଂଗ୍ରାମ ମିଶ୍ର, ହରିଶଙ୍କର ଜେନାଙ୍କ ସମେତ ବହୁ ସମାଜସେବୀ, ବୁଦ୍ଧିଜୀବୀ ଓ ଇଙଜଇର ସଦସ୍ୟମାନେ ଉପସ୍ଥିତ ଥିଲେ । ସମସ୍ତଙ୍କ ସହଯୋଗ ଓ ଉତ୍ସାହ ମଧ୍ୟରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା ।

# ସହରବାସୀଙ୍କ ରଜ ପାନ ପାଇଁ ଆଗ୍ରହ ବଢୁଛି

## ରଜ ପାଇଁ ପୁରପଲ୍ଲୀ ଚଳଚଂଚଳ

ବାଲେଶ୍ୱର(ନି.ପ୍ର.): ରାତି ପାହିଲେ ରଜ ସଂକ୍ରାନ୍ତି । ହେଲେ ସହର ସମେତ ପୁରପଲ୍ଲୀ ପହିଲି ରଜ ପାଇଁ ଚଳଚଂଚଳ ହୋଇଛି । ଏକପକ୍ଷେ ଗାଁଗଣ୍ଡାରେ ପରିବା କଟା ଠାରୁ ଆରମ୍ଭ କରି ରୋଷେଇ ପର୍ଯ୍ୟନ୍ତ ସବୁକିଛି କାର୍ଯ୍ୟ ବନ୍ଦ ହୋଇଯାଇଥିବା ବେଳେ ମହିଳା, ଯୁବତୀ ଏବଂ ବାଳିକାମାନେ ଦୋଳିଖେଳ ଠାରୁ ଆରମ୍ଭ କରି ଗୋଡ଼ରେ ରଙ୍ଗମାରିବା,ନିଜକୁ ସଜାଇ ହେବା ସଂଗେ ସଂଗେ ତାସଖେଳ, ଲୁଡ଼ଖେଳର ପସରା କିଛି କମିନାହିଁ । ଅପରପକ୍ଷରେ କବାଡ଼ି, ଫୁଟବଲ, କ୍ରିକେଟ୍ ମ୍ୟାଚ ସବୁକିଛି ଆରମ୍ଭ ହୋଇଯାଇଛି ଏକ ସୌହାର୍ଦ୍ଧ୍ୟପୂର୍ଣ୍ଣ ବାତାବରଣରେ । ସୂଚନାଯୋଗ୍ୟଯେ, ଖାଲି



ନିର୍ବାଚନ ଶେଷ ହେବା, ସରକାର ପରିବର୍ତନ ହେବା ଏଣେ ପହଲି ରଜ ଶୁକ୍ରବାର ପଡ଼ିବା ଯୋଗୁଁ ଗାଁ ଗଣ୍ଡା ସମେତ ସହରରେ ଖାସି ମାଂସ ଠାରୁ ଆରମ୍ଭ କରି ପିଠାପଣା, ପୋଡ଼ପିଠା, ରଜପାନର ପସରା ମେଳିଛି । ପ୍ରତ୍ୟେକ ଘରେଘରେ ଆମିଷ ଭକ୍ଷଣ । ଏଣେ ରଜ ଅବସରରେ ପଡ଼ୋଶୀମାନଙ୍କର ପୁଷମାସ କହିଲେ ନସରେ । ପ୍ରତ୍ୟେକ ପଡ଼ୋଶୀଙ୍କ ଘରେ ବନ୍ଧୁବାନ୍ଧବ ଝିଅ, ଜ୍ୱାଇଁଙ୍କ ଠାରୁ ଆରମ୍ଭ କରି ଗ୍ରାମଲୋକଙ୍କୁ ମଧ୍ୟାହ୍ନରେ ଖାଇବାକୁ ଡାକିବା, ଭୋଜିଭାତରେ ଆପ୍ୟାୟତ କରିବା ଇତ୍ୟାଦି ଦେଖିବାକୁ ମିଳିଛି । ଗାଁରୁ ସହର ସବୁଠି ବାସ ରଜମଉଜ ଚର୍ଚ୍ଚା । ଘରେ ଘରେ ପିଠା ମିଠା, ଆମ୍ବ ପଣସ ସହିତ ରଜର ମୁଖ୍ୟ ଆକର୍ଷଣ ସାଜୁଛି ପାନ । ଏହ ରଜମଉଜର ସାଜସଜା ସହ ପାନ ଖିଆରୁ ବାଦ ପଡ଼ନ୍ତି ନାହିଁ ବାଲେଶ୍ୱରବାସୀ । ଚଳିତବର୍ଷ ରଜ ଉତ୍ସବ ୧୪ ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ପାଳନ ହେଉଛି । ଶୁକ୍ରବାର ହେଉଛି ପହିଲି ରଜ । ଦ୍ୱିତୀୟ ଦିନହେଉଛି ରଜ ସଂକ୍ରାନ୍ତି ଓ ତୃତୀୟ ଦିନ ତଥା ଶେଷ ରଜ ହେଉଛି ବସୁମତୀ ସ୍ନାନ । ରଜ ଉତ୍ସବ ପାଇଁ ବାଲେଶ୍ୱର ସହରରେ ସବୁଠି ଭିଡ଼ ଜମୁଛି । କୋଉଠି ଝିଅ ବୋହୂ ମାନେ ଡ୍ରେସ, ଶାଢ଼ି, ଅଳତା ସହ ମେହେନ୍ଦି କିଣିବା ପାଇଁ ଭିଡ଼ କଲେଣି ତ ଆଉ କେଉଁଠି ଝିଅଘରକୁ ଆମ୍ବ ପଣସ ପାନ ଦେବା ପାଇଁ ଦୋକାନରେ ଭିଡ଼ କରୁଛନ୍ତି ଝିଅର ବାପା । ଏପଟେ ସହରରେ ରଜପର୍ବର ମୁଖ୍ୟ ଆକର୍ଷଣ ସାଜୁଥିବା ପାନ ପାଇଁ ଦୋକାନରେ ଗହଳି ଜମିଲାଣି । ସହର ଭିତିରେ ମୋତିଗଂଜ, ଫାଣ୍ଡିବଜାର, ମାରୁୱାଡ଼ିପଟି ଅଂଚଳର ମାଧବ ଓ ସାହୁ ପାନ ଦୋକାନରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ଫ୍ଲେବର,















ପାୱାର ପାନର ମୂଲ୍ୟ ୭୦ ଟଙ୍କାରୁ ଆରମ୍ଭ ହୋଇ ୧୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରୟ ହେଉଛି । ଭିନ୍ନ ଭିନ୍ନ ସ୍ୱାଦ ସାଙ୍ଗକୁ ଗୋଟା ଗୋଟା ପାନ ଖାଇବା ପାଇଁ ଦୋକାନରେ ଗହଳି ଲଗାଉଛନ୍ତି ଗ୍ରାହକ । ସେପଟେ ଅଧିକ ରଜପାନ ବିକ୍ରି ପାଇଁ ପାନ ଦୋକାନୀମାନେ ପ୍ରଚାର ଗାଡ଼ି ମାଧ୍ୟମରେ ସହରରେ ରଜପାନର ପ୍ରଚାର କରାଉଛନ୍ତି । ଫକୀରମୋହନ ଗୋଲେଇ ଠାରେ ପାନ ବିକ୍ରି କରୁଥିବା ସୁବ୍ରତ କୁମାର କୁଅଁର କୁହନ୍ତି ସେ ୧୦ତାରିଖରୁ ରଜ ଉତ୍ସବ ପାଇଁ ପାନ ବିକ୍ରି ଆରମ୍ଭ କରିଦେଲେରି । ବିଭିନ୍ନ ପ୍ରକାରର ପାନପତ୍ର ସାଙ୍ଗକୁ ୪୦ ପ୍ରକାର ରଙ୍ଗ ବେରଙ୍ଗର ମସଲାରେ ସଜେଇ ଦେଉଛନ୍ତି ପାନକୁ । ତା ସାଙ୍ଗକୁ ପାନ ଉପରେ ରୂପେଲି ଆବରଣ ପାନକୁ ଆହୁରି ଆକର୍ଷଣୀୟ କରୁଛି । ଜେଲି, ପାନ, ସୁପାରୀ ମସଲା, ନଡ଼ିଆ ପାଉଡ଼ର, ଖଣ୍ଡ ନଡ଼ିଆ, ରିମଝିମି, ଚକୋଲେଟ, କସ୍ତୁରୀ, ମିକ୍ସଚର ଚକୋଲେଟ, ଖଜୁରୀ, ଗୁଜୁରାତି, ଧନିଆ, ପାନମଧୁରୀ, ଚେରି ଏପରି ଅନେକ ମସଲାରେ ମିଠା ମିଠା ପାନ ଭାଙ୍ଗି ଦେଉଛନ୍ତି ସୁବ୍ରତ । ତା ସହକୁ ଅଲଗା ଅଲଗା ପ୍ରକାର ସ୍ୱାଦର ପାନ ଖାଇବା ପାଇଁ ଗ୍ରାହକ ଦୋକାନ ଆଗରେ ଭିଡ଼ କରୁଛନ୍ତି । ସୁବ୍ରତଙ୍କ ପାଖରେ ଗୁଲକୋନ ପାନ, କସ୍ତୁରୀ ପାନ, ମିକ୍ସଚର ମସଲା ପାନ, ସ୍ୱାଟିସୁପାରୀ ପାନ, ଚକୋଲେଟ ପାନ, ଖଜୁରୀ ପାନ ଭଳି ଅନେକ ପ୍ରକାରର ପାନ ବିକ୍ରି କରୁଛନ୍ତି । ଏପଟେ ଏହି ମିଠାପାନ ସାଙ୍ଗକୁ ଭିନ୍ନ ଭିନ୍ନ ଦାମ ମଧ୍ୟ ସ୍ଥିର କରାଯାଇଛି । ପାନର ଦାମ ୧୦ଟଙ୍କାରୁ ଆରମ୍ଭ ହୋଇ ୭୦ଟଙ୍କା ୮୦ଟଙ୍କା ପର୍ଯ୍ୟନ୍ତ ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ମିଳୁଛି । ସୁବ୍ରତ କୁହନ୍ତି ଯେ ମିଠାପାନ ତିଆରି କରିବା ପାଇଁ ମସଲା କଲିକତାରୁ ଅଣାଣିଛନ୍ତି ।

# ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ସଚେତନତା ରଥର ଶୁଭାରମ୍ଭ

ବାଲେଶ୍ୱର(ନି.ପ୍ର.) ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୁଲ୍ୟରେ ବିଶ୍ୱ ରକ୍ତ ଦାତା ଦିବସ-୨୦୨୬ ଉପଲକ୍ଷେ ଜିଲ୍ଲା ରକ୍ତଦାନ କେନ୍ଦ୍ରରୁ ଏକ ସଚେତନତା ରଥ କୁ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ଶ୍ରୀଯୁକ୍ତ ଗିରିଜା ଶଙ୍କର ଦାସ ଏବଂ



ରକ୍ତଦାନ କେନ୍ଦ୍ରର ଅଧିକାରୀ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ରଥ ସମଗ୍ର ସହର ପରିକ୍ରମା କରି ଏହି ବିଷୟ ବସ୍ତୁ 'ମାନବିକତାର ଗୋଟିଏ ବୁନ୍ଦା, ରକ୍ତଦାନ କରନ୍ତୁ, ଜୀବନ ବଂଚାନ୍ତୁ ' ଉପରେ ସଚେତନତା ସୃଷ୍ଟି କରିବ । ଜିଲ୍ଲା ତାଲିମ କେନ୍ଦ୍ର ସମ୍ମିଳନୀ କକ୍ଷରେ ସଚେତନତା ସଭା ଆୟୋଜିତ ହୋଇଥିଲା । ଚଳିତ ବର୍ଷର ବିଶ୍ୱ ରକ୍ତଦାତା ଦିବସର ବିଷୟବସ୍ତୁ - 'ମାନବିକତାର ଗୋଟିଏ ବୁନ୍ଦା, ରକ୍ତଦାନ କରନ୍ତୁ, ଜୀବନ ବଂଚାନ୍ତୁ ' ଉକ୍ତ ସଭା ଡାକ୍ତର ଗିରିଜା ଶଙ୍କର ଦାସ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ରକ୍ତଦାତା ସଂଘର ଉଚ୍ଚ ପଦାଧିକାରୀ, ସଦସ୍ୟବୃନ୍ଦ, ରକ୍ତଦାନ କେନ୍ଦ୍ରର ପଦାଧିକାରୀମାନେ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ଶୋଭନା ମହାନ୍ତି ମହୋଦୟା ତାଙ୍କର ଅଭିଭାଷଣରେ କହିଥିଲେ ସମସ୍ତେ ଜୀବନରେ ଅତିକମରେ ଥରଟିଏ ରକ୍ତଦାନ କରି ଅନ୍ୟର ଜୀବନ ବଂଚାଇବାରେ ନିଜକୁ ସମର୍ପଣ କରନ୍ତୁ । ରକ୍ତଦାତା ସଂଘର ସଭାପତି ପ୍ରମୋଦ ଚକ୍ରବର୍ତୀ ନିଜ ଭାଷଣରେ କହିଥିଲେ କି ସମଗ୍ର ୪.୫ କୋଟି ଓଡିଶା ବାସି ଯଦି ଗୋଟାଏ ଗୋଟାଏ ରକ୍ତଦାନ କରନ୍ତି ତେବେ ବିନା ରକ୍ତରେ କାହାରି ଜୀବନ ହାନି ହୁଅନ୍ତା ନାହିଁ । ସଂଘର ସମ୍ପାଦକ ଶ୍ରୀଯୁକ୍ତ ହୃଷିକେଶ ସାହୁ କହିଥିଲେ ଜଣସଚେତନତା ର



ଫଳ ସ୍ୱରୂପ ଏହିବର୍ଷ ରକ୍ତର ଆବଶ୍ୟକତାର ଶତକଡା ୯୧ ଭାଗ ରକ୍ତ ସଂଗୃହିତ ହୋଇପାରିଛି । ଏହି ଉଦଯୋଗୀ ମନୋଭାବ ସମସ୍ତଙ୍କ ମନରେ ଥାଉ ବୋଲି ମତ ପୋଷଣ କରିଥିଲେ । ସଭାରେ ଡ଼ାକ୍ତର ସଞ୍ଜୀବ କୁମାର ପ୍ରଧାନ, ଡାକ୍ତର ସରୋଜ ରାଜ, ଡାକ୍ତର ମନୋଜ ସାହୁ,ରକ୍ତଦାନ ଉପରେ ମତ ବ୍ୟକ୍ତ କରିଥିଲେ । ସଭା ରକ୍ତ ଦାନ ବିଷୟରେ ଗୋଷ୍ଠୀ ସ୍ତରରେ ଅଧିକ ସଚେତନତା ସୃଷ୍ଟିପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ଡାକ୍ତର ବସନ୍ତ କୁମାର ଉପାଧ୍ୟାୟ (ରକ୍ତଦାନ କେନ୍ଦ୍ର ଅଧିକାରୀ ) ଙ୍କ ପରିଚାଳନାରେ ହୋଇଥିଲା ଓ ଶେଷରେ ପ୍ରଦୀପ କୁମାର ସାହୁ (ସହକାରୀ ଜିଲ୍ଲା ଯୋଗାଯୋଗ ଅଧିକାରୀ) ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାଇରୁଲ ହକ, ସିମନ ଦାସ ମହାପାତ୍ର ପ୍ରମୁଖ ଶତାଧିକ କର୍ମକର୍ତା ଯୋଗ ଦେଇଥିଲେ ।

# ରଜସଂକ୍ରାନ୍ତି ଅବସରରେ ଜଳଦାନ ଶିବିର ଉଦ୍ଯାପିତ

ବାଲେଶ୍ୱର(ନି.ପ୍ର.) ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘ, ବାଲେଶ୍ୱର ଓ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ସହାୟକ'ର ମିଳିତ ଉଦ୍ୟମରେ ପ୍ରତିବର୍ଷ ଭଳି ଉତ୍କଳ ଦିବସ ଅବସରରେ ଜିଲ୍ଲାପାଳଙ୍କ ମୁଖ୍ୟଫାଟକ ନିକଟରେ ନିରବଚ୍ଛିନ୍ନ ଭାବେ ୭୫ ଦିନ ଧରି ଜଳଦାନ କାର୍ଯ୍ୟକ୍ରମ କରାଯାଇ ରଜସଂକ୍ରାନ୍ତିଦିନ ଜଳଦାନ ଶିବିର ଉଦ୍ଯାପିତ ହୋଇଯାଇଛି । ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀ ସଂଘର ସଭାପତି ଇଂ. ବନମାଳୀ ନାୟକ, 'ସହାୟକ'ର ସଭାପତି ଡ. କ୍ଷିତୀଶ୍ୱର ଦାଶ, ସଂପାଦକ ଇଂ. ହୃଷିକେଶ ସାହୁ, ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ସଂପାଦକ ଦାମୋଦର ନାୟକ ମିଳିତଭାବେ ଏହି ଶିବିରକୁ ଉଦ୍ଯାପିତ କରିଥିଲେ । ଉପସ୍ଥିତ ନେତୃମଣ୍ଡଳୀ ଏହି



କାର୍ଯ୍ୟକ୍ରମରେ ସହଯୋଗ କରିଥିବା ସଭ୍ୟସଭ୍ୟାଙ୍କୁ ସହଯୋଗ ପାଇଁ ଧନ୍ୟବାଦ ସହ ତାଙ୍କର ଆନ୍ତରିକତା ଓ ଇଚ୍ଛାଶକ୍ତିକୁ ସମ୍ମାନ ଜଣାଇ ସାଧୁବାଦ ଜଣାଇଥିଲେ । ଏହି ଅବସରରେ କୋଷାଧ୍ୟକ୍ଷ ଇଂ. ସୁରେନ୍ଦ୍ରପ୍ରସାଦ ନାୟକ, ଅକ୍ଷୟ କୁମାର ତ୍ରିପାଠୀ, ଇଂ. ଗୌରାଙ୍ଗ ସାହୁ, ଶଶାଙ୍କ ଶେଖର ଦ□, ଇଂ. କେଶବ ଚନ୍ଦ୍ର ମହାନ୍ତି, ପ୍ରଫୁଲ୍ଲ କୁମାର ଦାସ, ଗଙ୍ଗାଧର ପୃଷ୍ଟି, କାମିନୀକାନ୍ତ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ସିଂହ, ପ୍ରଣିତା ମିଶ୍ର, କ୍ଷେତ୍ରମୋହନ ନାୟକ, ଶ୍ୟାମସୁନ୍ଦର ଜେନା, ଡ. ପ୍ରଶାନ୍ତ କୁମାର ଦାସ, ଲମ୍ବୋଧର ଗିରି, ସେକ୍ ଆଲ୍ଲାଉଦ୍ଦିନ୍, ତପନ କୁମାର ପଣ୍ଡା, ନିରଞ୍ଜନ ପରିଡ଼ା, ରବି କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଗୌରାଙ୍ଗ ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ନିର୍ବାଚନ ମଣ୍ଡଳୀରେ ଏସ୍‌ଆଇଆର-୨୦୨୬ କାର୍ଯ୍ୟର ଅଗ୍ରଗତି ସମୀକ୍ଷା




ବାରିପଦା(ନିପ୍ର): ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଅଧୀନରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ଏନ୍ୟୁମେରେସନ୍ ଫର୍ମ ଡିଜିଟାଇଜେସନ୍ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ବାରିପଦା ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ବଡ଼ସାହି ଦୁଃଖବନ୍ଧୁ ନାୟକ, ଓଏଏସ୍(ଏସ୍), ବେତନଟୀ ବ୍ଲକ ପରିଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ଶ୍ରୀ ନାୟକ ଏସ୍‌ଆଇଆର- ୨୦୨୬ ଅଧୀନରେ ଏନ୍ୟୁମେରେସନ୍ ଫର୍ମ ଡିଜିଟାଇଜେସନ୍ କାର୍ଯ୍ୟର ସାମଗ୍ରିକ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ସହ ବିଏଲ୍‌ଓମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟର ଗୁଣାତ୍ମକ ଦିଗ ଉପରେ ବିଶେଷ ଗୁରୁତ୍ୱାରୋପ କରିଥିଲେ । ସଠିକ୍, ନିର୍ଭୁଲ ଏବଂ ସମୟୋପଯୋଗୀ ଭାବେ ଡିଜିଟାଇଜେସନ୍ କାର୍ଯ୍ୟ ସମ୍ପାଦନ କରିବା ଦ୍ୱାରା ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ବିଶ୍ୱସନୀୟତା ଅଧିକ ସୁଦୃଢ଼ ହେବ ବୋଲି ସେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ନିର୍ଦ୍ଧାରିତ ସମୟର ବହୁ ପୂର୍ବରୁ ଏନ୍ୟୁମେରେସନ୍ ଫର୍ମର ୧୦୦ ପ୍ରତିଶତ ଡିଜିଟାଇଜେସନ୍ କାର୍ଯ୍ୟ ସଫଳତାର ସହ ସମ୍ପନ୍ନ କରିଥିବା ବୁଥ୍ ନମ୍ବର-୨୧୯ର ବିଏଲ୍ଓ ପ୍ରଫୁଲ୍ଲ କୁମାର ଦାସ ଏବଂ ବୁଥ୍ ନମ୍ବର-୨୨୪ର ବିଏଲ୍ଓ ଅନ୍ନପୂର୍ଣ୍ଣା ଦାସବାବୁଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ସେମାନଙ୍କର ନିଷ୍ଠା, କର୍ତ୍ତବ୍ୟପରାୟଣତା ଏବଂ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ଅନ୍ୟ ବିଏଲ୍‌ଓମାନଙ୍କ ପାଇଁ ପ୍ରେରଣାଦାୟକ ବୋଲି ଶ୍ରୀ ନାୟକ ମତବ୍ୟକ୍ତ କରିଥିଲେ । ସେ ଆହୁରି କହିଥିଲେ ଯେ, ଭୋଟର ତାଲିକାର ସଠିକତା ଏବଂ ସର୍ବସମାବେଶୀକରଣ ସୁନିଶ୍ଚିତ କରିବାରେ ବିଏଲ୍‌ଓମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନିଷ୍ଠାର ସହ କାର୍ଯ୍ୟ ସମ୍ପାଦନ କରିବା ଦ୍ୱାରା ନିର୍ବାଚନ ବ୍ୟବସ୍ଥା ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଅଧିକ ଦୃଢ଼ ହୋଇଥାଏ । ତେଣୁ ପ୍ରତ୍ୟେକ ବିଏଲ୍ଓ ନିଜ ଦାୟିତ୍ୱକୁ ଗୁରୁତ୍ୱର ସହ ନିର୍ବାହ କରିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ୩୨-ବଡସାହି (ଅନୁସୂଚିତ ଜାତି) ବିଧାନସଭା ନିର୍ବାଚନ ମଣ୍ଡଳୀର ତହସିଲଦାର ତଥା ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଚନ୍ଦ୍ରଜିତ୍ ବେହେରା, ସହକାରୀ ଜିଲ୍ଲାପାଳ ମାନସୀ ତରାଇ ଏବଂ ଜିପିଡିଓ ଶ୍ରୀମତୀ ମାଳତୀ ପ୍ରିୟା ମୁର୍ମୁ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ଉପସ୍ଥିତ ଅଧିକାରୀମାନେ ବିଏଲ୍‌ଓମାନଙ୍କ ଉତ୍ସର୍ଗୀକୃତ ସେବା ଓ ଦାୟିତ୍ୱବୋଧର ପ୍ରଶଂସା କରିବା ସହ ଆଗାମୀ ଦିନରେ ମଧ୍ୟ ଏଭଳି ନିଷ୍ଠାର ସହ କାର୍ଯ୍ୟ ଜାରି ରଖିବାକୁ ଆହ୍ୱାନ ଜଣାଇଥିଲେ ।

# ପାନ୍ଥନିବାସରେ ରଜ ପର୍ବ ପାଳିତ



ପୁରୀ(ନିପ୍ର): ପୁରୀ ପାନ୍ଥ ନିବାସରେ ବୃହତ୍‌ଭାବରେ ରଜପର୍ବ ପାଳିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଶ୍ରୀମନ୍ଦିର ନିତୀ ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି, ଉପ ପ୍ରଶାସକ ରଞ୍ଜନ କୁମାର ବେହେରା, ପର୍ଯ୍ୟଟନ ସହକାରୀ ନିର୍ଦ୍ଦେଶକ ସରୋଜ କାନ୍ତ ପ୍ରଧାନ, ପାନ୍ଥନିବାସ ପରିଚାଳକ ଚନ୍ଦ୍ର କାନ୍ତ ଦାସ ପ୍ରମୁଖ ଉପସ୍ଥିତ ରହି ଓଡ଼ିଶାର ଗଣପର୍ବ ରଜ ସମ୍ପର୍କରେ ପର୍ଯ୍ୟଟକ ମାନଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ପୋଡପିଠା ସହ ଅନ୍ୟାନ୍ୟ ପିଠା ଓ ଖାଦ୍ୟ ପାନ ଇତ୍ୟାଦି ପ୍ରଦର୍ଶନ ଓ ପ୍ରଦାନ କରାଯାଇ ଥିଲା । ଦୋଳିର ବ୍ୟବସ୍ଥା କରାଯାଇଥିଲା ପାହା ପିଲା ଓ ମହିଳା ମାନଙ୍କୁ ବିଶେଷ ଆକୃଷ୍ଟ କରିଥିଲା । ପାନ୍ଥ ନିବାସର କର୍ମଚାରୀ ମାନେ କାର୍ଯ୍ୟ ପରିଚାଳନା ରେ ସହଯୋଗ କରିଥିଲେ । ପ୍ରତ୍ୟେକ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣର ବ୍ୟବସ୍ଥା ହୋଇଛି ବୋଲି ପରିଚାଳକ ଶ୍ରୀ ଦାସ ସୂଚନା ଦେଇଥିଲେ ।

# ରକ୍ତ ଦାତା ଦିବସରେ ହେଲ୍ପ ଫର ୟୁ ଫାଉଣ୍ଡେସନ ପକ୍ଷରୁ ରକ୍ତ ଦାନ ଶିବିର




ବାଲିଆପାଳ(ନିପ୍ର): ରକ୍ତ ଦାତା ଦିବସ ଅବସର ରେ ରବିବାର ହେଲ୍ପ ଫର ୟୁ ଫାଉଣ୍ଡେସନ ପକ୍ଷରୁ ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ଅନ୍ତର୍ଗତ ଖଗଡାପାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିର ରେ ମୋଟ ୧୦୩ ୟୁନିଟ୍ ରକ୍ତ ସଂଗୃହୀତ ହୋଇ ଥିଲା । ଇଂ ସୁଶାନ୍ତ କୁମାର ଚକ୍ରବର୍ତ୍ତୀ ଓ ଡଃ ମୌସୁମୀ ଚେଙ୍ଗଦାର କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ । ସଙ୍ଗଠନର ସଭାପତି-ମାନସ ରଞ୍ଜନ ଧଳ, ସମ୍ପାଦକ ସୁବାଶିଷ ରାଉଳ, ବୃଦ୍ଧାଶ୍ରମର ମୁଖ୍ୟ ପରିଚାଳକ ତରଣି କର ଓ ସଂଗଠନର ସମସ୍ତ ସଦସ୍ୟା ସଦସ୍ୟଙ୍କ ପ୍ରଚେଷ୍ଟା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଥିଲା । ବାଲେଶ୍ୱର ରକ୍ତ ଭଣ୍ଡାରର ଭାଗିରଥି ମାଝୀ, ରାଜେଶ ମିଶ୍ର, ବସନ୍ତ କୁମାର ଜେନା, ଅଭିରାମ ପଣ୍ଡା, ଡଃ ମୌସୁମୀ ଚେଙ୍ଗଦାର ରକ୍ତ ଗ୍ରହଣ ରେ ସାହାଯ୍ୟ କରିଥିଲେ ।

# ମୁକ୍ତେଶ୍ୱର ଉଚ୍ଚ ବିଦ୍ୟାଳୟରେ ୧୯୯୬ ବ୍ୟାଚ୍‌ର ଗୁରୁପୂଜନ ଓ ବନ୍ଧୁମିଳନ ଉତ୍ସବ



ଧାମନଗର(ନିପ୍ର): ଧାମନଗର ବ୍ଲକ ପଧାନୀ ପଂଚାୟତ ସ୍ଥିତ ମୁକ୍ତେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ୧୯୯୬ ବ୍ୟାଚ ର ପୁରାତନ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଏକ ଗୁରୁପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଆନନ୍ଦଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀମାନେ ଏକାଠି ହୋଇ ନିଜ ନିଜର ବିଦ୍ୟାଳୟ ଜୀବନର ପୁରୁଣା ସ୍ମୃତି ଓ ଅନୁଭୂତି ବଖାଣିଥିଲେ । କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପର୍ଶୁରାମ ପଣ୍ଡା, ପୂଜ୍ୟ ଗୁରୁ ଅରୁଣ ସାମଲ, ଚକ୍ରଧର ସାହୁ, ଉମେଶ ଚନ୍ଦ୍ର ପଣ୍ଡା, ଦଶରଥ କୁଅଁର ଏବଂ ବିଦ୍ୟାଳୟର ଶିକ୍ଷକ କୃଷ୍ଣଚନ୍ଦ୍ର ଦାସ, ସୁଦର୍ଶନ ସାହୁ ଓ ପ୍ରଧାନଶିକ୍ଷକ ସୁଧୀର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ପୁରାତନ ଛାତ୍ରଛାତ୍ରୀମାନେ ସମସ୍ତ ଗୁରୁମାନଙ୍କୁ ପୂଜାର୍ଚ୍ଚନା କରିବା ସହ ଭକ୍ତିପୂତ ସମ୍ବର୍ଦ୍ଧନା ପ୍ରଦାନ କରି ସେମାନଙ୍କଠାରୁ ଆଶୀର୍ବାଦ ଭିକ୍ଷା କରିଥିଲେ । ପୁରାତନ ଛାତ୍ର ଆଶିଷ କୁମାର ରାଉତ ଓ ଛାତ୍ରୀ କନକଲତା ରାଉତଙ୍କ ପ୍ରତ୍ୟକ୍ଷ ସଂଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ମୁକ୍ତେଶ୍ୱର ମହାଳିକ, ବିଦ୍ୟାଧର ପୁହାଣ, ସନ୍ତୋଷ ସାହୁ, ସନ୍ତୋଷ ନାୟକ, ଶ୍ରୀଧର ଦାସ, ନଟବର ଜେନା, ଟୁଲୁ ଜେନା, ଶ୍ରୀଧର ସାହୁ, ନିରୁପମା ମହାଳିକ, କେଦାର ମଲିକ, ନିହାରିକା ରାଉତ, ରତ୍ନମଞ୍ଜରୀ ପୁହାଣ, ପ୍ରିୟତମା ପୁହାଣ, ରାଜାରାଣୀ ମହାଳିକ, ଅନୁସୟା ମହାଳିକ, ରଶ୍ମିପ୍ରଭା ମହାଳିକ, କାମିନୀ ସାହୁ ଓ ସୁକାନ୍ତି ବରାଳ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ଦୀର୍ଘ ବର୍ଷ ପରେ ପୁରୁଣା ସାଙ୍ଗ ଓ ଗୁରୁମାନଙ୍କୁ ପାଖରେ ପାଇ ସମଗ୍ର ବିଦ୍ୟାଳୟ ପରିସରରେ ଏକ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା । ଏପରିକି ପୁରୁଣା ଦିନ ରେ ଯେମିତି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଛାତ୍ର ଛାତ୍ରୀ ଭୁଲ କଲେ ତାଂକୁ ବେତ ବାଡି ରେ ମାଡ ମରା ଯାଉଥିଲା ଠିକ୍ ସେହି ଭଳି ଏହି କାର୍ଯ୍ୟକ୍ରମ ରେ ଶିକ୍ଷକ ବେତ ରେ ମାଡ ମାରୀ ଥିଲେ ଏବଂ ପୁରୁଣା ସ୍ମୃତିକୁ ମନେ ପକାଇ ଥିଲେ ।

# 'କବି ସଙ୍ଗମ' ବହୁଭାଷୀ ସାହିତ୍ୟାନୁଷ୍ଠାନର କାଳିଦାସ ଜୟନ୍ତୀ ପାଳିତ




ବୈଶିଙ୍ଗା(ନିପ୍ର): ବେତନଟୀର ପ୍ରାଚୀନ ବହୁଭାଷୀ ସାହିତ୍ୟାନୁଷ୍ଠାନ 'କବି ସଙ୍ଗମ' ଆନୁକୁଲ୍ୟରେ ସ୍ଥାନୀୟ ଧର୍ମଶାଳା ମଣ୍ଡପରେ ଆଦ୍ୟ ଆଷାଢକୁ ସ୍ୱାଗତ କରି 'କାଳିଦାସ ଓ ମେଘଦୂତ 'ଶୀର୍ଷକ ଆଲୋଚନା କରାଯାଇଥିଲା । ପ୍ରତିଷ୍ଠାତା ଆଶୁକବି ବାସୁଦେବ ନାପିତ ସାର ଆଭିମୁଖ୍ୟ ପ୍ରଦାନସହ ଆଗାମୀ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ଦେଇଥିଲେ । ସଭାରେ ଅନୁଷ୍ଠାନର ସଚ୍ଚିଦାନନ୍ଦ ମହାନ୍ତି, କାର୍ଯ୍ୟକାରୀ ସଭାପତି ସଭା ପରିଚାଳନା ଓ ସଂପାଦକ ଡଃ ରମାକାନ୍ତ ମହାନ୍ତ ସଂଯୋଜନ କରିଥିଲେ । ମୁଖ୍ୟ ଅତିଥି ଭାବେ ବେତନଟୀ ମହାବିଦ୍ୟାଳୟର ପ୍ରାକ୍ତନ ପ୍ରଧାପକ ପ୍ରବୀର କୁମାର ଦେବ ଗୋସ୍ୱାମୀ ଓ ମୁଖ୍ୟବକ୍ତା ଭାବେ କୃଷ୍ଣଚନ୍ଦ୍ରପୁର ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡଃ ମନ୍ଦାକିନୀ ସାହୁ ମୁଖ୍ୟବକ୍ତା ରୂପେ ଯୋଗ ଦେଇ କାଳିଦାସ ଓ ତାଙ୍କର ରଚନାବଳୀ ସମ୍ବନ୍ଧିତ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ । ଏତଦ ବ୍ୟତୀତ ଅବସରପ୍ରାପ୍ତ ପ୍ରଧା ପିକା ଉଷ । ଶତପଥି ମଧ ବହୁମୂଲ୍ୟ ତଥ୍ୟ ଭିତିକ ସନ୍ଦର୍ଭ ଉପସ୍ଥାପନ ସହ ସମୀକ୍ଷା କରିଥିଲେ । ଆଲୋଚନାରେ ବରିଷ୍ଠ ସାମ୍ବାଦିକ ତଥା କବି ହରିଶଚନ୍ଦ୍ର ନନ୍ଦ ଗୋସ୍ୱାମୀ, ମୟୂର ସାହିତ୍ୟର ଉପଦେଷ୍ଟା ଯତୀନ୍ଦ୍ରନାଥସାହୁ , ସଂଗଠନ ସଂପାଦକ ମୀନକେତନ ମହାନ୍ତି, କୋଷାଧକ୍ଷ ରବୀନ୍ଦ୍ର ନାଥ ଖଟୁଆ, ଜେଜେ ଗୁରୁଜୀ ବେଣୁଧର ଜେନା, କବୟିତ୍ରୀ ଗୀତାଞ୍ଜଳି ଦେବ ଗୋସ୍ୱାମୀ ପ୍ରମୁଖ କାଳିଦାସଙ୍କ ଜୟନ୍ତୀ ପାଳନ ଅବସରରେ ତାଙ୍କର ସାହିତ୍ୟକୃତି ସମ୍ବନ୍ଧିତ ଆଲୋଚନା କରିଥିଲେ । ସଭାରେ ଗୁରୁଚରଣ ଭୂୟାଁ, ଝରି ମହାନ୍ତ, ରାମଚନ୍ଦ୍ର ପଣ୍ଡା, ଜୟକୃଷ୍ଣ ସ୍ୱାଇଁ, କମଳ ଲୋଚନ କର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ପ୍ରତିଷ୍ଠାତା ସଭାପତି ଶ୍ରୀ ନାପିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆର୍ଟ୍ ପଏଂଟ ପକ୍ଷରୁ ୧୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ




ନୟାଗଡ଼(ନିପ୍ର): ନୟାଗଡ଼ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଆର୍ଟ୍ ପଏଂଟ ତରଫରୁ ୧୯ ତମ ବାର୍ଷିକ ଉତ୍ସବ ଉପଲକ୍ଷେ 'ମିଠା ମିଠା ଗୀତର ସଂଜରେ' ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାଯ୍ୟକ୍ରମ ରେ ମୁଖ୍ୟ ଅତିଥି ଗୀତିକଳ୍ପ ହରିଶ୍ ପ୍ରଧାନ ଉଦଘାଟକ ପ୍ରଦୀପ ପ୍ରକାଶ ଆଚାର୍ଯ୍ୟ ଓ ସମ୍ମାନିତ ଅତିଥି ଭାବେ ଡ଼ ଗୀତାଞ୍ଜଳି ମହାପାତ୍ର ଯୋଗଦାନ କରିଥିଲେ । ଆମ ନୟାଗଡ଼ ମାଟି ସୁଯୋଗ୍ୟ କଣ୍ଠଶିଳ୍ପୀଙ୍କ ମଧ୍ୟରେ ଡଃ ଆଶୁତୋଷ ମିଶ୍ର, ଭୂମିକା ମହାପାତ୍ର, ରାଜୀବ ମହାପାତ୍ର, ବିଜୟାନନ୍ଦ ମହାପାତ୍ର, ଇପ୍ସିତା, ସୃଷ୍ଟି ଶୋଭିତା ଏବଂ ବଂଶୀଧର ସଂଗୀତ ମହାବିଦ୍ୟାଳୟର ଅଧ୍ୟକ୍ଷ କଣ୍ଠଶିଳ୍ପୀ ସାନୁ ପ୍ରମୁଖ ପୁରୁଣା ଲୋକପ୍ରିୟ ସଂଗୀତ ଓ ଆଧୁନିକ ଗୀତ ଗାନ କରିଥିଲେ । ଉପସ୍ଥାପକ ଉପସ୍ଥାପିକା ଭାବରେ କବି ଗୋପୀନାଥ ସେଠୀ ଓ ସସ୍ମିତା ରାଣୀ ଦାଶ ଓଡ଼ିଆ ବିଭାଗ ଶରଣକୁଳ ମହାବିଦ୍ୟାଳୟ ଯୋଗଦାନ କରିଥିଲେ । ରଂଜନ ରଶ୍ମୀ ଜେନା, ଶେଖ୍ ଅବଦୁଲ୍ ଖାଲିକ ପ୍ରମୁଖ ସହଯୋଗ କରିଥିଲେ । ପରିଶେଷରେ ଅନୁଷ୍ଠାନ ମୁଖ୍ୟ ବିଜୟାନନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।


ସଂସ୍କୃତି ମନ୍ତ୍ରଣାଳୟ
ଭାରତ ସରକାର

**ସାଂସ୍କୃତିକ ସମ୍ବଳ ଏବଂ ତାଲିମ କେନ୍ଦ୍ର**
**(ସଂସ୍କୃତି ମନ୍ତ୍ରଣାଳୟ, ଭାରତ ସରକାର)**
**ପ୍ଲଟ୍ ନମ୍ବର ୧୫ ଇ, ସେକ୍ଟର-୭, ଦ୍ୱାରକା, ନୂଆ ଦିଲ୍ଲୀ-୧୧୦୦୭୫**

**'ବିଭିନ୍ନ ସାଂସ୍କୃତିକ କ୍ଷେତ୍ରରେ ଯୁବ କଳାକାରମାନଙ୍କୁ ବୃତି ପ୍ରଦାନ'**

'ବିଭିନ୍ନ ସାଂସ୍କୃତିକ କ୍ଷେତ୍ରରେ ଯୁବ କଳାକାରମାନଙ୍କୁ ବୃତି ପ୍ରଦାନ' ପାଇଁ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ, ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ନାଟ୍ୟ, ବ୍ୟଙ୍ଗ, ଦୃଶ୍ୟ କଳା, ଲୋକ, ପାରମ୍ପରିକ ଏବଂ ଆଦିବାସୀ କଳା ଏବଂ ହାଲୁକା ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ଭାରତ ସରକାରଙ୍କ ସାଂସ୍କୃତିକ ସମ୍ବଳ ଏବଂ ତାଲିମ କେନ୍ଦ୍ର ଦ୍ୱାରା ଅଫଲାଇନ୍ ଆବେଦନ ଆମନ୍ତ୍ରିତ କରାଯାଇଛି । ଦୟାକରି ଧ୍ୟାନ ଦିଅନ୍ତୁ ଯେ ୧୫ ଜୁନ୍, ୨୦୨୬ ରୁ ୨୦୨୬-୨୭ ବର୍ଷ ପାଇଁ ଆବେଦନ ଆମନ୍ତ୍ରିତ କରାଯାଇଛି । ଏହି ବର୍ଷ ୪୦୦ ଛାତ୍ରବୃତି ଉପଲବ୍ଧ । ଯୋଜନାର ବିବରଣୀ, ଆବେଦନକାରୀଙ୍କ ପାଇଁ ନିର୍ଦ୍ଦେଶାବଳୀ, ଯୋଗ୍ୟତା ସର୍ତ୍ତାବଳୀ/ ମାନଦଣ୍ଡ ଏବଂ ଆବେଦନ ଫର୍ମ ନିମ୍ନଲିଖିତ ୱେବସାଇଟରେ ଉପଲବ୍ଧ । ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଏବଂ ସିସିଆରଟି ର ।

**www.indiaculture.gov.in, www.ccrtindia.gov.in**

୩୧ ଜୁଲାଇ, ୨୦୨୬ ହେଉଛି ଆବେଦନ ଦାଖଲର ଶେଷ ତାରିଖ ।

କେବଳ ଅଫଲାଇନ୍ ଆବେଦନ ଗ୍ରହଣ କରାଯିବ ।

**CBC 09127/11/0003/2627**


# ଡିଭାଇଡରକୁ ପିଟିଲା ତୀର୍ଥ ଯାତ୍ରୀ ବସ୍: ଡ୍ରାଇଭର ମୃତ

ସୋର(ନିପ୍ର): ୧୬ ନମ୍ବର ଜାତୀୟ ରାଜପଥ ସୋର ଥାନା ଅଧୀନସ୍ଥ ବିଦ୍ଦୁ ନିକଟରେ ଭୋର ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି । ସ୍ଥାନୀୟ ଆଦିରୁପା ପେଟ୍ରୋଲ ପମ୍ପ ନିକଟରେ ଘଟିଥିବା ଏହି ଦୁର୍ଘଟଣାରେ ବସ୍‌ର ଚାଳକଙ୍କର ମୃତ୍ୟୁ ଘଟିଛି । ବସ୍‌ରେ ଥିବା ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି । ମୃତ ଡ୍ରାଇଭର ହେଲେ କେ. ଭେଙ୍କଟେଶ୍ୱର (୫୪) । ଆହତ ମାନଙ୍କର ମଧ୍ୟରେ ବି ନାରାୟଣମ, ବି ସନସମା (୪୫), ମେଗାୟମ ପଦ୍ମା, କେ ରାମବାଓ, ସୁଶୀଳା, ବି ରାମଲାମା, ଏମ୍. ନରସିଂହମ, ପି ଗୋବିନ୍ଦା, କେ ରଙ୍ଗଡେଶ୍ୱରମ୍, ରାମବାଓ, ଜି ଶ୍ୟାମସୁନ୍ଦରମ ସାମିଲ ଅଛନ୍ତି । ସୂଚନା ଅନୁସାରେ ଅନ୍ଧ୍ରପ୍ରଦେଶର ବିଜୟନଗରମ ଅଂଚଳରୁ ଏକ ଘରୋଇ ବସ୍ 'ଶ୍ରୀ ଲକ୍ଷ୍ମୀ' ତୀର୍ଥଯାତ୍ରୀ ପ୍ରାୟ ୪୫ ତୀର୍ଥଯାତ୍ରୀଙ୍କୁ ନେଇ ପଶ୍ଚିମବଙ୍ଗର ବିଭିନ୍ନ ତୀର୍ଥସ୍ଥଳକୁ ଯାଇଥିଲା । ଏହି ତୀର୍ଥଯାତ୍ରୀମାନେ ଆଜି କୋଲକାତାରୁ ଆନ୍ଧ୍ରପ୍ରଦେଶ ଅଭିମୁଖେ ବାହାରିଥିଲେ । ତେବେ ବିଦ୍ଦୁ ଆଦିରୁପା ପେଟ୍ରୋଲ ପମ୍ପ ନିକଟରେ ବସ୍‌ର ଚାଳକ ଭାରସାମ୍ୟ ହରାଇ ଥିଲେ । ବସ୍‌ଟି ସିଧାସଳଖ ଡିଭାଇଡରକୁ ଧକ୍କା ଦେବା ଫଳରେ ବସରେ ଥିବା ୨୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ । ଘଟଣାସ୍ଥଳରେ ଗାଡି ଚଳକଙ୍କର ମୃତ୍ୟୁ ହୋଇଥିଲା । ସ୍ଥାନୀୟ ଲୋକଙ୍କ ଠାରୁ ଖବର ପାଇ ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଂଚି ସମସ୍ତଙ୍କୁ ଉଦ୍ଧାର କରି ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତିକରାଯାଇଥିଲା ।











# ପ୍ରାର୍ଥନାର ସ୍ୱରୂପ

◆ ଅନ୍ନପୂର୍ଣ୍ଣା ପଣ୍ଡା (ଓ.ଶି.ସେ)

ଭଗବାନଙ୍କ ସୃଷ୍ଟିରେ ମନୁଷ୍ୟ ଶ୍ରେଷ୍ଠ ଜୀବ ଭାବେ ଅମାପ ବୁଦ୍ଧି, ଜ୍ଞାନ, ପ୍ରଜ୍ଞାଶକ୍ତିର ଅଧିକାରୀ । ପ୍ରକୃତି କୋଳରେ ଜନ୍ମ ନେଇ ପିତାମାତାଙ୍କୁ ଚିହ୍ନିବା ପରେ ସୂର୍ଯ୍ୟ, ଚନ୍ଦ୍ର, ଜଳ, ବାୟୁ, ଅଗ୍ନି ଇତ୍ୟାଦିର ସଂସ୍ପର୍ଶରେ ଆସି ସେ ବୁଝିପାରେ ଯେ ଏମାନଙ୍କ ବିନା ସମସ୍ତ ଜୀବଜଗତର ସ୍ଥିତି ଅସମ୍ଭବ । ଏମାନେ ପ୍ରତ୍ୟେକେ ପ୍ରଚଣ୍ଡ ଶକ୍ତିଶାଳୀ ଅଖଣ୍ଡ, ଅନନ୍ତ, ଅପରିସୀମ ଓ ପରିବ୍ୟାପ୍ତ । ଏମାନଙ୍କୁ ବାଦ୍ ଦେଇ ଜୀବନର ପରିକଳ୍ପନା ଅସମ୍ଭବ ଯେଉଥିପାଇଁ ଏମାନଙ୍କୁ କେଉଁ ପୁରାକାଳରୁ ମନୁଷ୍ୟ ଆରାଧ୍ୟ ଦେବତା ଭାବେ ପୂଜାଅର୍ଚ୍ଚନା କରି ଆସିଛି । କାଳକ୍ରମେ ସୃଷ୍ଟି, ସ୍ଥିତି ଓ ବିଲୟ ବିଷୟରେ ଚିନ୍ତା କରି ନାନା ଧାର୍ମିକ ସମ୍ପ୍ରଦାୟର ମନୁଷ୍ୟ କିଏ ଈଶ୍ୱରଙ୍କୁ କିଏ ଯୀଶୁଙ୍କୁ କିଏ ବା ଆଲ୍ଲାଙ୍କୁ ଆରାଧ୍ୟ ଭାବେ ଶ୍ରଦ୍ଧା ଓ ଭକ୍ତିରେ ବିଶ୍ୱାସ କରି ଆସୁଛନ୍ତି । ହିନ୍ଦୁମାନେ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କଲାବେଳେ, ଖ୍ରୀଷ୍ଟିୟାନମାନେ ଗୀର୍ଜାକୁ ଯାଇ ଅଭିଷ୍ଟ ପୂରଣ ପାଇଁ ଯୀଶୁଙ୍କୁ ପ୍ରାର୍ଥନା କରନ୍ତି, ମୁସଲିମ ଭାଇ ମସଜିଦ୍‌କୁ ଯାଇ ନମାଜ ପଢ଼ି ପ୍ରାର୍ଥନା କରେ । ଯିଏ ଯେଉଁଥିରେ ବିଶ୍ୱାସ କରୁନା କାହିଁକି ଯିଏ ଯେଉଁ ସମ୍ପ୍ରଦାୟର ହେଲ ନା କାହିଁକି ସମସ୍ତଙ୍କର ସେବା ଓ ଭକ୍ତି ଭାବନା ଥାଏ । ଈଶ୍ୱର ହୁଅନ୍ତୁ ବା ଆଲ୍ଲା ହୁଅନ୍ତୁ ବା ଯୀଶୁ ହୁଅନ୍ତୁ ଏମାନେ ସମସ୍ତେ ଆମର ପରମପିତା ଓ ଆମେମାନେ ଏମାନଙ୍କର ସନ୍ତାନ ସଦୃଶ । ଏମାନେ ଆମ ହୃଦୟରେ ଥା'ନ୍ତି । ଆମ ଅଜାଣତରେ ସେମାନଙ୍କୁ ପ୍ରେମ ବାଣୀରେ ଆମେ ଉଦ୍‌ବୁଦ୍ଧ ହେଉ ଓ ସତ୍ ବାଟରେ ଚାଲୁ । ତାଙ୍କୁ ବିଶ୍ୱାସ କରି ଶୁଦ୍ଧପୂତ ଭାବେ ନିରାଜନା କରୁ ଯାହାକୁ ଆମେ ପ୍ରାର୍ଥନା ଭାବେ ବିଶ୍ୱାସ କରୁ । କେତେକ ନିର୍ବାଚିତ ଶବ୍ଦକୁ ନେଇ ଗୀତ ଭାବେ ଗାଇ ହୁଏ, କିନ୍ତୁ ପ୍ରାର୍ଥନା ହୁଏ ନାହିଁ । ପ୍ରାର୍ଥନା ହୃଦୟର ନିସୃତ ବାଣୀ, ପ୍ରଗାଢ଼ ଶ୍ରଦ୍ଧା ଭକ୍ତିରେ ପ୍ରାର୍ଥନା ହୁଏ । ପ୍ରାର୍ଥନା ଯୋଗୁ ମନରେ ପ୍ରେରଣା ଜାତ ହୁଏ, ପ୍ରାର୍ଥନା ଅନ୍ତଃକରଣ ଭୂମିରେ ଶୁଭ ଗୁଣର ବୀଜ ବପନ ସଦୃଶ । ପ୍ରଭାତରେ ପ୍ରାର୍ଥନା ସମଗ୍ର ଦିନଚର୍ଯ୍ୟାକୁ ଶୃଙ୍ଖଳିତ କରେ । ପ୍ରାର୍ଥନା ଗୀତ, ଛାନ୍ଦ, ନାଚ କୀର୍ତନରେ ନଥାଏ ବରଂ ଥାଏ ସମ୍ପୂର୍ଣ୍ଣ ସମର୍ପଣ ଭାବରେ । ବୁଦ୍ଧିକୁ ପବିତ୍ର ଶୁଦ୍ଧ କରିବାରେ ଥାଏ ପ୍ରାର୍ଥନା । ତେଣୁ ପ୍ରଭୁଙ୍କୁ ଆମେ *"ଅସତୋ ମା ସଦ୍‌ଗମୟ ତମସୋ ମା ଜ୍ୟୋତିର୍ଗମୟ ମୃତ୍ୟୁର୍ମା ଅମୃତଂ ଗମୟ"*

ଅର୍ଥାତ୍ ଅସତ୍‌ରୁ ସତ୍ ଅଜ୍ଞାନ ଅନ୍ଧକାରରୁ ଜ୍ଞାନ ପ୍ରକାଶ ଓ ମୃତ୍ୟୁରୁ ଅମୃତ ପାଇଁ ପ୍ରାର୍ଥନା କରିଥାଉ । ଈଶ୍ୱର ଏଠି ସେଠି ସବୁଠି ଥାନ୍ତି । ତାଙ୍କ ନିର୍ଦ୍ଦେଶରେ ସବୁ କିଛି



ସମାହିତ ହୋଇଥାଏ । ଆମକୁ ଭାବିବାକୁ ହେବ ଯେ ଆମେ ଭୁଲ କଲେ ତାଙ୍କୁ କଷ୍ଟ ହେବ । ଭକ୍ତି ଭାବ ଓ ସମର୍ପଣ ଭାବ ପ୍ରକୃତ ପୂଜାର ମାର୍ଗ ଦେଖାଏ । ତାହାହିଁ ପୂଜା, ଯାହା ଜଗତର କଲ୍ୟାଣ ସାଧନ କରେ । ପରମାତ୍ମା ସର୍ବବ୍ୟାପୀ ତାଙ୍କର ଅସ୍ତିତ୍ୱ ପ୍ରତିଟି ବସ୍ତୁରେ ନିହିତ । ଆଖି କାନ ନ ଥାଇ ବି ଆମର ଦୃଷ୍ଟି ଅନ୍ତରାଳରେ ସେ ସବୁ ଦେଖନ୍ତି ଓ ଶୁଣନ୍ତି । ଆମ ଚିନ୍ତାଧାରାରେ କିଛି ପାପ ଅର୍ଜନ କରି ପ୍ରାର୍ଥନା କଲେ ଭାବୁ ପାପ ଦୂର ହୋଇଯାଏ । ପରମାତ୍ମା କିନ୍ତୁ ତାହା କରନ୍ତି ନାହିଁ ନା ପାପ ନା ପୂଣ୍ୟକୁ ସେ ଗ୍ରହଣ କରନ୍ତି । ପ୍ରାର୍ଥନା ଯୋଗୁଁ ଗୁଣ ଓ କର୍ମରେ ପରିବର୍ତ୍ତନ ହୁଏ ମନୁଷ୍ୟ ସତ୍‌ମାର୍ଗରେ ଗତି କରେ । ସତ୍ ମାର୍ଗରେ ଉତ୍ସାହ ଓ ସହାୟତା ପ୍ରଭୁ ଦେଇଥାନ୍ତି । ନିତ୍ୟ ପ୍ରତି ପ୍ରାର୍ଥନା କଲେ ଆମର ଜ୍ଞାନ ବିଜ୍ଞାନରେ ଉନ୍ନତି ହୁଏ । ଦୁଃଖ ଅବିଦ୍ୟା କ୍ଳେଶ ଆଦି ନଷ୍ଟ ହୋଇ ଆମର ବାସ୍ତବ ଈଶ୍ୱର ପ୍ରାପ୍ତି ସମ୍ଭବ ହୁଏ । ଏ ସଂସାର ବିଶାଳ, ଏକ ଅଦୃଶ୍ୟ ଶକ୍ତି ଦ୍ୱାରା ପରିଚାଳିତ । ହିନ୍ଦୁମାନେ ଶକ୍ତିର ସ୍ୱରୂପ ଭାବେ ଦେବୀଶକ୍ତି, ଆଦ୍ୟାଶକ୍ତି ମହାମାୟା ଇତ୍ୟାଦିର ବିଶ୍ୱାସ କରନ୍ତି । ମନୁ ସଂହିତା ଅନୁସାରେ ଏକ ସମୟ ଥିଲା ଯେତେବେଳେ ଚାରିଆଡ଼େ ଅନ୍ଧକାରାଚ୍ଛନ୍ନ ଥିଲା ନା ଥିଲା ରାତି ନା ଦିବସ । ଭାରତୀୟ ସାକ୍ତଶାସ୍ତ୍ର ଅନୁସାରେ କେବଳ ଆଦ୍ୟାଶକ୍ତି ମହାମାୟା ଥିଲେ । ସେ ହେଉଛନ୍ତି ବିଶ୍ୱର ଆଦ୍ୟାଶକ୍ତି ବିଶ୍ୱ ପ୍ରସବିନୀ ଓ ବିଶ୍ୱ ସଂହାରିଣୀ, ଭାରତୀୟ ଦର୍ଶନ ଅନୁସାରେ ସେ କେତେବେଳେ ଅସୁରମର୍ଦ୍ଦିନୀ, ଦୁର୍ଗତିନାଶିନୀ ଦୁର୍ଗା ରୂପେ ତ କେତେବେଳେ ନୃମୁଣ୍ଡମାଳିନୀ ପ୍ରଳୟ କାରିଣୀ କାଳୀ ରୂପେ ପୁନଶ୍ଚ କେତେବେଳେ ଚିରଯୌବନା ଗୌରୀ ରୂପେ ଆବିର୍ଭୂତା ହୁଅନ୍ତି । ଶାରଦୀୟ ଶୁଭ ଅବସରରେ ଦେବୀ ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରାଯାଏ । ପରେ ପରେ ମହାସରସ୍ୱତୀ, ମହାଲକ୍ଷ୍ମୀ ଓ ମହାକାଳୀଙ୍କ ସମାହାରରେ ମା' କାଳୀଙ୍କୁ ପୂଜାର୍ଚ୍ଚନା କରାଯାଏ । ଆଜିର ଯୁଗରେ ମନୁଷ୍ୟ ନିଜ ସ୍ୱାର୍ଥ ପାଇଁ ବିଶାଳ ପରିବ୍ୟାପ୍ତ ଶକ୍ତିର ଉତ୍ସ ପରାଶକ୍ତିକୁ ବଳି ଭୋଗ ଦ୍ୱାରା ସନ୍ତୁଷ୍ଟ କରିବାର ଯେଉଁ ଚିନ୍ତନ, ତାହାକୁ ପରିହାର କରି ଅତି ନିଷ୍ଠା ଓ ଭକ୍ତିର ସହିତ ପ୍ରାର୍ଥନା କରିପାରିଲେ ଦେବୀ ସନ୍ତୁଷ୍ଟା ହୋଇ କେବଳ ଆମକୁ ନୁହେଁ ବରଂ ଆମର ଏକନିଷ୍ଠ ପ୍ରାର୍ଥନାରେ ଜଗତର କଲ୍ୟାଣ ପାଇଁ ଆଶୀର୍ବାଦ ବର୍ଷିବେ । ଏଣୁ ପ୍ରତିକାତ୍ମକ ଭାବରେ ଯୁଗଯୁଗ ଧରି ସତ୍ୟ ଜ୍ଞାନ ଶକ୍ତି ଆନନ୍ଦମୟୀ ଦୁର୍ଗା ବା କାଳୀଙ୍କୁ ଅଧିଷ୍ଠିତ କରି ସକଳ ଅଜ୍ଞାନ ହିଂସା ପାଶବିକତା ରୂପି ଅସୁରମାନଙ୍କୁ ବିନାଶ କରିବା ପାଇଁ ଶକ୍ତିଙ୍କର ଆରାଧନା କରାହୋଇ ଆସୁଅଛି । ଆଜିର ଶୁଭଲଗ୍ନରେ ମହାମାୟା ମହାଶକ୍ତି ସଂହାରକାରିଣୀ ମା'କାଳୀ ଦୁଷ୍ଟଙ୍କୁ ଦମନ ପୂର୍ବକ ସାଧୁସନ୍ଥ ସଜ୍ଜନଙ୍କୁ ଶାନ୍ତିରେ ଜୀବନ ନିର୍ବାହ କରିବା ପାଇଁ ଆଶୀର୍ବାଦ କରନ୍ତୁ, ଏହାହିଁ ଜଗତ କଲ୍ୟାଣକାରିଣୀ ଶକ୍ତିସ୍ୱରୂପିଣୀ ମା'କାଳୀଙ୍କ ଠାରେ ପ୍ରାର୍ଥନା ।

*ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକଏନ୍. ସି. ହାଇସ୍କୁଲ, ଭଦ୍ରକ*

# ସାଧନା ଓ ଯୋଗ

◆ ଡାକ୍ତର ଅର୍ଚ୍ଚନା ମିଶ୍ର

ଆଦିଶେଷଙ୍କ ଏକ ଅବତାର ରୂପେ ଯୋଗ ଦର୍ଶନର ସ୍ରଷ୍ଟା ପତଞ୍ଜଳି ପରିଚିତ । ସର୍ବୋଚ୍ଚ ଚୈତନ୍ୟ ଲାଭ କରିବା ପାଇଁ ଯୋଗ ଏକ ସୁସମ୍ବନ୍ଧ ଧାର୍ମିକ ଶୃଙ୍ଖଳା ଯାହା ଚରମ ମୁକ୍ତି ପାଇଁ ପଥ ଦେଖାଇଥାଏ । ଭାରତରେ ସମସ୍ତ ଆଧ୍ୟାତ୍ମିକ କ୍ଷେତ୍ରର ସାଧକ, ମହାପୁରୁଷ ଏବଂ ଜଣେ ଯେ କୌଣସି ଧର୍ମାବଲମ୍ବୀ ହୁଅନ୍ତୁ କିନ୍ତୁ ଯୋଗର ଶୃଙ୍ଖଳାକୁ ସମସ୍ତେ ମାନନ୍ତି । ଯୋଗର ମୌଳିକ ଅର୍ଥ ହେଉଛି ମିଳିତାବସ୍ଥା ଏବଂ ପ୍ରକୃତ ଆତ୍ମା ବା ଈଶ୍ୱରଙ୍କ ସହିତ ମିଳିତ ହେବାକୁ ଏହା ବୁଝାଇଥାଏ । ଅନ୍ୟ ଅର୍ଥରେ ସେହି ମିଳନ ଲାଭ କରିବା ପାଇଁ ଯୋଗ ଏକ ଉପାୟ ବା ପଦ୍ଧତି । ମନ ମଧ୍ୟରେ ଚିନ୍ତା ତରଙ୍ଗକୁ ନିୟନ୍ତ୍ରଣ କରିବା ବା ଚିତବୃତି ନିରୋଧକୁ ପତଞ୍ଜଳି ଯୋଗର ସଂଜ୍ଞା ରୂପେ ବର୍ଣ୍ଣନା କରିଛନ୍ତି । ଯୋଗସୂତ୍ରର ଚାରୋଟି ବିଭାଗ ବା ପାଦ ରହିଛି ତାହା ହେଲା ସମାଧି ପାଦ, ସାଧନା ପାଦ, ବିଭୁତି ପାଦ ଓ କୈବଲ୍ୟ ପାଦ । ସମାଧି ପାଦରେ ନିର୍ମଳ ଚୈତନ୍ୟ ବିଷୟ ଉଲ୍ଲେଖ ରହିଛି ଯାହାକୁ ଉଚ୍ଚଗୁଣସମ୍ପନ୍ନ ବ୍ୟକ୍ତି ମାନେ ଲାଭ କରିଥାନ୍ତି । ସାଧନା ପାଦରେ ଯୋଗର ନିୟମ ଓ ପଦ୍ଧତି ବର୍ଣ୍ଣିତ ହୋଇଛି ଯାହାକୁ



ସାଧାରଣରେ ସବୁ ସାଧକ ଓ ସାମାନ୍ୟ ଗୁଣସମ୍ପନ୍ନ ବ୍ୟକ୍ତିମାନେ ଅନୁସରଣ କରିଥାନ୍ତି । ବିଭୁତି ପାଦ ଆଧ୍ୟାତ୍ମିକ ପଥ ବା ଅଲୌକିକ ଶକ୍ତିର ଜାଗରଣ ବିଷୟରେ ସୂଚନା ଦେଇଥାଏ । ଆଉ କୈବଲ୍ୟ ପାଦ ମୋକ୍ଷ ବା ମୁକ୍ତି ସହିତ ସଂଶ୍ଳିଷ୍ଟ । ପତଞ୍ଜଳିଙ୍କ ଯୋଗ ପଦ୍ଧତିକୁ ଅଷ୍ଟାଙ୍ଗ ଯୋଗ କୁହାଯାଏ । ଈଶ୍ୱରଙ୍କ ସହିତ ସଂଯୁକ୍ତ ହେବା ହିଁ ଯୋଗ । ଯାହାକି ଏକ ଆଧ୍ୟାତ୍ମିକ ବିଜ୍ଞାନ । ଯୋଗର ଲକ୍ଷ୍ୟ ହେଉଛି ମନୁଷ୍ୟକୁ ପ୍ରକୃତିର ଦାସତ୍ୱରୁ ମୁକ୍ତ କରି ତାକୁ ନିଜ ସ୍ୱରୂପର ସାକ୍ଷାତକାର କରାଇବା । ସଂପ୍ରତି ଭାରତୀୟ ଯୋଗଦର୍ଶନ ଗିରିକନ୍ଦର ତଥା ପାହାଡ଼ ପର୍ବତର ଗୁମ୍ଫାରୁ ବାହାରି ସମଗ୍ର ବିଶ୍ୱର ପ୍ରତିଟି କୋଣ ଅନୁକୋଣରେ ପହଂଚିଛି । ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି - ଯୁକ୍ତହାର ବିହରସ୍ୟ ଯୁକ୍ତଚେଷ୍ଟସ୍ୟ କର୍ମସୁ ଯୁକ୍ତସ୍ୱପ୍ନାକ୍ତ ବୋଧସ୍ୟ ଯୋଗୋଭବତି ଦୁଃଖହା ।' ଅର୍ଥାତ୍ ଉଚିତ ଆହାର, ଉଚିତ ବିହାର, କର୍ମରେ ଉଚିତ ଚେଷ୍ଟା, ଠିକ୍ ସମୟରେ ଶୋଇବା, ଠିକ୍ ସମୟରେ ଉଠିବାରେ ଅଭ୍ୟସ୍ତ ଯୋଗୀର ସମସ୍ତ ଦୁଃଖ ନଷ୍ଟ ହୋଇଯାଏ । ସଂସ୍କୃତରେ ଯୁଜ୍ ଧାତୁରୁ ଯୋଗ ଶବ୍ଦଟି ନିଷ୍ପନ୍ନ ହୋଇଛି । ମୋଟାମୋଟି ଭାବରେ ଯୋଗର ଅର୍ଥ ଜୀବାତ୍ମାଙ୍କ ସହ ପରମାତ୍ମାଙ୍କ ମିଳନ । ଯୋଗ ମନୁଷ୍ୟର ଚେତନା ବିକାଶର ବିଜ୍ଞାନ । ଯୋଗ ସାଧନା ଏକ ବିଂଶ ଶତାବ୍ଦୀରେ ପ୍ରତ୍ୟେକ ମାନବର ଅନିର୍ବାର୍ଯ୍ୟ କର୍ତବ୍ୟ ରୂପେ ପରିଣତ ହୋଇଛି । ଏହି ସାଧନା ଦ୍ୱାରା ଜଣେ ନିଜକୁ ଠିକ୍ ଭାବରେ ଜାଣିବା ସହ ନିଜକୁ ଅନୁଶାସନରେ ରଖିବା ପାଇଁ ସମର୍ଥ ହୋଇପାରିବ । ମଣିଷର ଉଜୁଡି ଯାଇଥିବା ମୁହୂର୍ତ ପୁଣି ଥରେ ଗଢ଼ାଯାଇ ପାରିବ । ଯୋଗ ସାଧନାର ତତ୍ୱ ଦର୍ଶନ ସହିତ ପରିଚିତ ହୋଇ ମଣିଷ ନିଜକୁ ଜାଣି ପାରେ । ହଜିଯାଇଥିବା ଶାନ୍ତିକୁ ପୁନର୍ବାର ଫେରି ପାଇପାରେ । ଏହାର ନିୟମିତ ଅଭ୍ୟାସ ଦ୍ୱାରା ଆମ୍ଭେମାନେ ସ୍ୱାସ୍ଥ୍ୟ, ସୌନ୍ଦର୍ଯ୍ୟ, ପ୍ରତିଭା, ବିଦ୍ୟା, ଆନନ୍ଦ ଓ ସର୍ବୋପରି ଶାନ୍ତି ଭଳି ବରଦାନ ପ୍ରାପ୍ତ ହୋଇ ପାରିବା । ତେଣୁ ଉଜ୍ଜଳ ଭବିଷ୍ୟତର ଆଧ୍ୟାତ୍ମିକ ସମ୍ଭାବନାକୁ ସାକାର କରିବାଲାଗି ଯୋଗ ସାଧନାର ତତ୍ୱ ଦର୍ଶନକୁ ହୃଦୟଙ୍ଗମ କରିବା ଏବଂ ଏହାକୁ ଜୀବନର ଦିବ୍ୟମୟ ପଥପାଇଁ ପ୍ରଶସ୍ତର କ୍ଷେତ୍ର ଭାବେ ଗ୍ରହଣ କରିବା ।

*ସହକାରୀ ପ୍ରଫେସର,
ଶରୀରତତ୍ୱ ବିଭାଗ,
ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ
କଲେଜ, କଟକ*

# ଦୈନନ୍ଦିନରେ ଗାୟତ୍ରୀ ମନ୍ତ୍ର

◆ ଉତ୍କଳାନନ୍ଦ ଅଜୟ କୁମାର ବେହେରା

ପ୍ରତି ବର୍ଷ ଜ୍ୟେଷ୍ଠ ଶୁକ୍ଳପକ୍ଷ ଏକାଦଶୀରେ ବେଦମାତା ଗାୟତ୍ରୀଙ୍କ ଜୟନ୍ତୀ ପାଳନ କରାଯାଏ । ହିନ୍ଦୁ ଶାସ୍ତ୍ର ପୁରାଣ ଅନୁଯାୟୀ ଏହି ଦିନରେ ବିଶ୍ୱାମିତ୍ର ମୁନି, ପ୍ରଥମ ଥର ପାଇଁ ଗାୟତ୍ରୀ ମନ୍ତ୍ର ଉଚ୍ଚାରଣ କରିଥିଲେ । ଗାୟତ୍ରୀ ମାତା ହେଉଛନ୍ତି ଆଦିଶକ୍ତି । ସେ ବେଦମାନଙ୍କର ଜନନୀ । ସେ ଜ୍ଞାନଦାତ୍ରୀ ଅଜ୍ଞତା ଦୂରକାରିଣୀ ସେ ବେଦମାତା, ଦେବମାତା ଓ ବିଶ୍ୱମାତା । ତାଙ୍କ ଜୟନ୍ତୀରେ ଗାୟତ୍ରୀ ମନ୍ତ୍ରୀ ଗାନ କରାଯାଏ । ଏହି ମନ୍ତ୍ର ଗାନ ଦ୍ୱାରା ମୋକ୍ଷପ୍ରାପ୍ତି ସମ୍ଭବ । ଏକ ମାସ ପର୍ଯ୍ୟନ୍ତ ଦୈନିକ ତିନି ହଜାର ଥର ଏହି ମନ୍ତ୍ର ଉଚ୍ଚାରଣ କଲେ ସକଳ ପାପ ଦୂରହୁଏ । ଆର୍ଯ୍ୟ ସମାଜରେ ପ୍ରତିମା ପୂଜନ ପ୍ରଚଳନ ନ ଥିଲେ ମଧ୍ୟ ଗାୟତ୍ରୀ ମନ୍ତ୍ରକୁ ପ୍ରାଧାନ୍ୟ ଦିଆଯାଏ । ଗାୟତ୍ରୀ ଛନ୍ଦସାଂ ମାତା । ଗାୟନ୍ତଂ ତ୍ରାୟୁତେ ଇତି ଗାୟତ୍ରୀ । ଯେଉଁଠି ମନ୍ତ୍ର ଜପ କରାଯାଏ ସେଠାରେ ଗାୟତ୍ରୀ ଥାଆନ୍ତି ।' 'ଗାୟତ୍ରୀଙ୍କ ତିନୋଟି ନାମ ହେଉଛି ଗାୟତ୍ରୀ, ସାବିତ୍ରୀ ଓ ସରସ୍ୱତୀ । ଗାୟତ୍ରୀ ହେଉଛନ୍ତି ଇନ୍ଦ୍ରିୟ ମାନଙ୍କର ପ୍ରତୀକ । ସାବିତ୍ରୀ ହେଉଛନ୍ତି ପ୍ରାଣର ପ୍ରଭୁ, ସରସ୍ୱତୀ ହେଉଛନ୍ତି ବାଗ୍‌ଦେବୀ ତିନୋଟି ଯାକ ଚିନ୍ତା, କର୍ମ ଓ ବଚନ ଶୁଦ୍ଧିର ପ୍ରତୀକ । ଗାୟତ୍ରୀଙ୍କ ତିନୋଟି ନାମ ଥିଲେ



ବି ତିନୋଟି ଯାକ ଆମ ଭିତରେ ଇନ୍ଦ୍ରିୟ, ବାକ୍ ଓ ପ୍ରାଣଶକ୍ତି ଭିତରେ ରହିଛନ୍ତି । ସେହିପରି ଗାୟତ୍ରୀଙ୍କ ପାଂଚଟି ମୁଖ ବିଷୟରେ ଭଗବାନ କହିଛନ୍ତି 'ପଂଚମୁଖ ମଧ୍ୟରେ 'ଓଁ' ହେଲା ପ୍ରଥମ ମୁଖ । ପ୍ରଣବ ତତ୍ୱ ଅଷ୍ଟ ଐଶ୍ୱର୍ଯ୍ୟର ପ୍ରତୀକ । ଦ୍ୱିତୀୟ ମୁଖ ହେଲା ଭୁର୍ଭୁବଃ ସ୍ୱଃ । ତୃତୀୟଟି ହେଲା ତତ୍ ସବିତୁର୍ବରେଣ୍ୟମ୍ । ଚତୁର୍ଥ ହେଲା ଭର୍ଗୋଦେବସ୍ୟ ଧୀମହି । ଧୀୟୋ ୟୋ ନଃ ପ୍ରଚୋଦୟାତ୍ ହେଲା ପଂଚମ ମୁଖ । ଏହପରି ଭାବରେ ଗାୟତ୍ରୀ ମନ୍ତ୍ରକୁ ବୁଝିଲେ ଗାୟତ୍ରୀର ପାଂଚୋଟିଯାକ ମୁଖ ଆମ ଭିତରେ ଅଛି ବୋଲି ଉପଲବ୍ଧି କରିହେବ । ଭଗବତ୍ ଉପାସନା ପାଇଁ ଆବଶ୍ୟକୀୟ ତିନୋଟି ଯାକ ତତ୍ୱ ଗାୟତ୍ରୀ ମନ୍ତ୍ରରେ ଅଛି - ବର୍ଣ୍ଣନା, ଧ୍ୟାନ ଓ ପ୍ରାର୍ଥନା । ମନ୍ତ୍ରର ପ୍ରଥମ ନଅଟି ଶବ୍ଦ ଦିବ୍ୟଗୁଣର ପ୍ରତୀକ 'ଓଁ ଭୁ ଭୁର୍ବଃ ସ୍ୱଃ ତତ୍ସବିତ୍ୱର୍ବରେଣ୍ୟଂ ଭର୍ଗୋଦେବସ୍ୟ' । 'ଧୀର୍ମହ' ଧ୍ୟାନ ସହିତ ସମ୍ବନ୍ଧିତ । 'ଧୀୟୋ ୟୋନଃ ପ୍ରଚୋଦୟାତ୍' ଭଗବାନଙ୍କ ପ୍ରାର୍ଥନା ଅଟେ । ଏହିପରି ଭାବରେ ମନ୍ତ୍ରଟି ସମସ୍ତ ଶକ୍ତି ଓ ପ୍ରତିଭା ପ୍ରଦାନ କରିବା ପାଇଁ ଭଗବାନଙ୍କୁ ପ୍ରାର୍ଥନା ଅଟେ । ଶାସ୍ତ୍ରରେ ଉଲ୍ଲେଖ ଅଛି 'ଗାୟତ୍ରୀଙ୍କ ତିନୋଟି ନାମ ହେଉଛି ଗାୟତ୍ରୀ, ସାବିତ୍ରୀ ଓ ସରସ୍ୱତୀ । ଗାୟତ୍ରୀ ହେଉଛନ୍ତି ଇନ୍ଦ୍ରିୟ ମାନଙ୍କର ପ୍ରତୀକ । ସାବିତ୍ରୀ ହେଉଛନ୍ତି ପ୍ରାଣର ପ୍ରଭୁ, ସରସ୍ୱତୀ ହେଉଛନ୍ତି ବାଗ୍‌ଦେବୀ । ତିନୋଟି ଯାକ ଚିନ୍ତା, କର୍ମ ଓ ବଚନ ଶୁଦ୍ଧିର ପ୍ରତୀକ । ଗାୟତ୍ରୀଙ୍କ ତିନୋଟି ନାମ ଥିଲେ ବି ତିନୋଟି ଯାକ ଆମ ଭିତରେ ଇନ୍ଦ୍ରିୟ, ବାକ୍ ଓ ପ୍ରାଣଶକ୍ତି ଭିତରେ ରହିଛନ୍ତି । ସେହିପରି ଗାୟତ୍ରୀଙ୍କ ପାଂଚଟି ମୁଖ ବିଷୟରେ ଭଗବାନ କହିଛନ୍ତି 'ପଂଚମୁଖ ମଧ୍ୟରେ 'ଓଁ' ହେଲା ପ୍ରଥମ ମୁଖ । ପ୍ରଣବ ତତ୍ୱ ଅଷ୍ଟ ଐଶ୍ୱର୍ଯ୍ୟର ପ୍ରତୀକ । ଦ୍ୱିତୀୟ ମୁଖ ହେଲା ଭୁର୍ଭୁବଃ ସ୍ୱଃ । ତୃତୀୟଟି ହେଲା ତତ୍ ସବିତୁର୍ବରେଣ୍ୟମ୍ । ଚତୁର୍ଥ ହେଲା ଭର୍ଗୋଦେବସ୍ୟ ଧୀମହି । ଧୀୟେ ୟେ ନଃ ପ୍ରଚୋଦୟାତ୍ ହେଲା ପଂଚମ ମୁଖ । ଏହପରି ଭାବରେ ଗାୟତ୍ରୀ ମନ୍ତ୍ରକୁ ବୁଝିଲେ ଗାୟତ୍ରୀର ପାଂଚୋଟିଯାକ ମୁଖ ଆମ ଭିତରେ ଅଛି ବୋଲି ଉପଲବ୍ଧି କରିହେବ

*ପିସି ସରକାର ଲେନ୍,
ଅରୁଣୋଦୟ ନଗର, କଟକ
୯୪୩୭୧୦୩୧୨୫୩*

# ଆଧ୍ୟାତ୍ମିକତା ଚେତନା ଜାଗ୍ରତ କରେ

◆ ତପସ୍ୱିନୀ ପଟ୍ଟନାୟକ



ଆଧ୍ୟାତ୍ମିକତା ପ୍ରତି ବିମୁଖ ନହୋଇ ସମ୍ପୃକ୍ତ ହେଲେ ଯାଇ ଏହାର ପ୍ରକୃତ ସୁଖ ମିଳିପାରିବ । ଆଧ୍ୟାତ୍ମିକତା ସର୍ବଦା ଚେତନା ଜାଗ୍ରତ କରିବା ପାଇଁ ଆହ୍ୱାନ ଜଣାଇଥାଏ । ନିଜ ଚେତନାକୁ ଜାଗ୍ରତ ରଖିବା ଲାଗି ଆମକୁ ଏହି ମାନବ ଜନ୍ମ ପ୍ରାପ୍ତ ହୋଇଛି । ସର୍ବଦା ଜାଗ୍ରତ ରହିଲେ ଆମେ ଜୀବନରେ ସମସ୍ତ ଉପଲବ୍ଧି ହାସଲ କରିପାରିବା । ଚେତନା ଜାଗ୍ରତ ନହେଲେ ଆମେ ନିଜକୁ ଠିକ୍ ଭାବେ ଅନୁଶୀଳନ କରିପାରିବା ନାହିଁ କିମ୍ବା ଈଶ୍ୱରଙ୍କୁ ମଧ୍ୟ ବୁଝି ପାରିବା ନାହିଁ । କଠୋପନିଷଦରେ କୁହାଯାଇଛି ଯେ ଉତ୍ତିଷ୍ଠ ଜାଗ୍ରତ ପ୍ରାପ୍ୟ ବରାନ୍ନିବୋଧତ । ଅର୍ଥାତ୍ ଉଠ, ଜାଗ ଏବଂ ଶ୍ରେଷ୍ଠତା ପ୍ରାପ୍ତ କର । ଏହି ଶ୍ଳୋକରୁ ସ୍ୱାମୀ ବିବେକାନନ୍ଦ ନିଜସ୍ୱ ଢ଼ଙ୍ଗରେ ବ୍ୟାଖ୍ୟା କରିଛନ୍ତି । ଏଣୁ ଜାଗ୍ରତ ରହିବା ଜରୁରୀ । କିନ୍ତୁ ଆମେ ଏକ ପ୍ରକାର ନିଦରେ ହଜିଯାଇଛୁ । ଏହା ମୋହ, ମାୟା ଏବଂ ଲୋଭର ନିଦ । କାମ, କ୍ରୋଧ, ଭୟ, ଲୋଭ, ମୋହ ଆଦି ଅବଗୁଣକୁ ପରିତ୍ୟାଗ କଲେ ଯାଇ ଆମ ଚେତନା ଜାଗ୍ରତ ହୋଇପାରିବ । ଏହାପରେ ଆତ୍ମାର ସେହି ଦିବ୍ୟ ପ୍ରକାଶକୁ ଦେଖିହେବ । ନିଜ ଭିତରେ ହିଁ ପରମାତ୍ମାଙ୍କ ଅସ୍ତିତ୍ୱକୁ ଅନୁଭବ କରିହେବ । ଆତ୍ମବିଶ୍ୱାସ ଘନିଭୂତ ହେବଂ ବ୍ୟକ୍ତି ସଂସାରର କଲ୍ୟାଣ ସାଧିତ କରିପାରିବ । ଈର୍ଷା-ଦ୍ୱେଷ, ଆସକ୍ତି ଆଦିକୁ ପରିତ୍ୟାଗ କଲେ ମନୁଷ୍ୟ ଆତ୍ମଉନ୍ମୁଖରୁ ପରମଉନ୍ମୁଖ ହୋଇପାରିବ । ଯେ ସର୍ବଦା ଜାଗି ରହିଥାଏ ତାକୁ ଆମେ ଜାଗ୍ରତଶୀଳ କହିଥାଉ । ଈଶ୍ୱରଙ୍କ ପ୍ରକାଶ ଖୋଜିବାକୁ ହେଲେ ପ୍ରଥମେ ନିଜ ଭିତରେ ଖୋଜିବାକୁ ହେବ । ଆଧ୍ୟାତ୍ମ ଏବଂ ଯୋଗ ଜ୍ଞାନ ଆମକୁ ଏହି ବାର୍ତା ଦେଇଥାଏ । ଜାଗ୍ରତ ହୋଇ ପାରିଲେ ମନୁଷ୍ୟ ପାଇଁ କିଛି ବି ଅସମ୍ଭବ ହୋଇ ରହିନଥାଏ ।

*ଅଧକ୍ଷା, ଡ୍ରିମ ଇଣ୍ଡିଆ ସ୍କୁଲ, ସେକ୍ଟର-୧୦, ସିଡ଼ିଏ, କଟକ*

# ଓଡ଼ିଆ ନାଟ୍ୟ ସାହିତ୍ୟରେ ରାମ କଥା

◆ ଡାକ୍ତର ଦିଲ୍ଲୀପ କୁମାର ମହାରଣା

ଓଡ଼ିଆ ସାହିତ୍ୟରେ ରାମ କଥାକୁ ଉପଜୀବ୍ୟ କରି ବହୁ ନାଟକ ପ୍ରଣିତ ହୋଇଥିବା ଲକ୍ଷ୍ୟ କରାଯାଏ । ହଂଟର ସାହେବଙ୍କ 'ଓଡ଼ିଶା ଇତିହାସ'ର ସୂଚନା ମିଳେ ଯେ ଭିକାରୀ ପଟ୍ଟନାୟକଙ୍କ 'ଲଙ୍କା ଦହନ' ହେଉଛି ରାମାୟଣ ବିଷୟବସ୍ତୁକୁ କେନ୍ଦ୍ର କରି ପ୍ରଥମ ନାଟକ । ଅଷ୍ଟାଦଶ ଶତାବ୍ଦୀର ଶେଷଭାଗ କିମ୍ବା ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଏହା ଲେଖା ଯାଇଥିବା ଅନୁମାନ କରାଯାଏ । ପରବର୍ତୀ ପର୍ଯ୍ୟାୟରେ କାମପାଳ ମିଶ୍ରଙ୍କର 'ସୀତା ବିବାହ' ଏକ ଜ୍ୱଳନ୍ତ ଉଦାହରଣ । ଏହି ନାଟକ ରଚିତ ହୋଇ ଓଡ଼ିଶାରେ ବିଶେଷ ଜନପ୍ରିୟ ହୋଇପାରିଥିଲା । ଫଳରେ ଏହା ଓଡ଼ିଶାର ପ୍ରଥମ ଚଳଚ୍ଚିତ୍ର ରୂପେ ପରିବେଶିତ ହୋଇ ଥିଲା । ଆଧୁନିକ ସାହିତ୍ୟର ରାମଶଙ୍କର ରଚିତ 'ରାମାଭିଷେକ' ଓ 'ରାମ ବନବାସ' ରାମାୟଣର ବିଷୟବସ୍ତୁକୁ ନେଇ ଦର୍ଶକ




ମାନେ ନିକଟରେ ବେଶ ପରିଚିତ । ଓଡ଼ିଶାରେ ରାମକଥାର ବହୁ, ପ୍ରଚାର ଓ ପ୍ରସାର ଫଳରେ ଚଳିତ ଶତାବ୍ଦୀର ଆଦି ପର୍ଯ୍ୟାୟରେ ରାମାୟଣର କଥାବସ୍ତୁକୁ ଅବଲମ୍ବନ କରି ଗୋପୀନାଥ ନନ୍ଦଙ୍କର 'ଜାନକୀ ପରିଣୟ', 'ଉନ୍ନତ ରାଘବ', ହରିହର ରଥଙ୍କ 'ପର୍ଶୁରାମ ବିଜୟ', 'ରାମ ନିର୍ବାସନ', ମହେଶ ଚନ୍ଦ୍ର ରାୟଙ୍କର 'ମେଘନାଦ ବଧ', ଭାଗିରଥି ମହାପାତ୍ରଙ୍କର 'ସୀତା ବନବାସ', ଅଶ୍ୱିନୀ କୁମାର ଘୋଷଙ୍କର 'ଜାନକୀ' ପ୍ରଭୃତି ନାଟକ ରଚିତ ଓ ପ୍ରକାଶିତ ହୋଇ ପ୍ରସିଦ୍ଧି ଲାଭ କରିଥିଲା । ଓଡ଼ିଆ ନାଟ୍ୟ ସାହିତ୍ୟରେ ବିଶେଷ ଭାବରେ ପ୍ରସିଦ୍ଧି ଲାଭ କରିଥିବା ନାଟ୍ୟକାର ବୈଷ୍ଣବ ପାଣିଙ୍କର 'ମେଘନାଦ ବଧ', 'ରାବଣ ବଧ', 'ରାମ ବନବାସ', 'ରାବଣ ଦିଗବିଜୟ', 'ମହିରାବଣ ବଧ', 'ଲକ୍ଷ୍ମଣ ଶକ୍ତିଭେଦ' ପ୍ରଭୃତି ଏକ ଏକ ଅନବଦ୍ୟ ସୃଷ୍ଟ ସମ୍ପଦ । ଏତଦ ବ୍ୟତୀତ ବାଳକୃଷ୍ଣ ମହାନ୍ତିଙ୍କ 'ସୀତା ବନବାସ', ହରିହର ରଥଙ୍କର 'ରାବଣ ବଧ', 'ରାମାଭିଷେକ', 'ରାମଜନ୍ମ', ରଘୁନାଥ ପଣ୍ଡାଙ୍କ 'ସୀତା ବନବାସ' ପ୍ରଭୃତି ପ୍ରଧାନ । ଓଡ଼ିଶାର ପୁରପଲ୍ଲୀରେ ଯାତ୍ରା ସୁଆଙ୍ଗ ଲୋକନାଟ୍ୟ ଓ ଗୀତାଭିନୟ ବେଶ ଲୋକପ୍ରିୟ ରାମକଥା ମୂଳକ ଏ ପ୍ରକାର ଲୋକନାଟକ ରଚନା କରି ଓଡ଼ିଶାର ବହୁ ନାଟ୍ୟକାର ସୁନାଟ୍ୟ ପ୍ରତିଭାର ପରିଚୟ ଦେଇଛନ୍ତି । ବୈଷ୍ଣବ ପାଣିଙ୍କ ନାମ ଓ କ୍ଷେତ୍ରରେ ବେଶ ସ୍ମରଣୀୟ । ତାଙ୍କ ରଚିତ 'ମହିରାବଣ ବଧ', 'ମେଘନାଦ ବଧ', 'ରାବଣ ବଧ', 'ରାମ ବନବାସ', 'ରାବଣ ଦିଗବିଜୟ', 'ଆଦ୍ୟକାଣ୍ଡ ସୁଆଙ୍ଗ', 'ତରଣୀ ସେନ ବଧ', 'ଲକ୍ଷ୍ମଣ ଶକ୍ତିଭେଦ', 'ବିଲଙ୍କା ରାମାୟଣ', 'ଇନ୍ଦ୍ରଜିତ ଯୁଦ୍ଧ', 'ଅଶ୍ୱମେଧ ଯଜ୍ଞ' ପ୍ରଭୃତି ନାଟକାବଳୀ ଓଡ଼ିଆ ରାମ ସାହିତ୍ୟଙ୍କର ବିକାଶ ଦିଗରେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଛନ୍ତି ।

*ଶିଖରପୁର ଉପରସାହି, କଟକ,
: ୮୨୮୦୯୬୩୨୮୩*

# ଗୃହସ୍ଥର ଧର୍ମ

◆ ଭବାଶିଷ ଦାସ

ସାଂସାରିକ ଜୀବନରେ ଗୃହସ୍ଥଙ୍କ ଧର୍ମ ଅତ୍ୟନ୍ତ ବ୍ୟାପକ ଓ ଜଟିଳ ବୋଲି କେହି କେହି ମତ ଦେଇଥାନ୍ତି । ଆଜିକାଲିର ସମୟ ଓ ସମାଜକୁ ଦେଖିଲେ ତେଲଲୁଣର କର୍ମବ୍ୟସ୍ତ ଜୀବନ ଭିତରେ ଗୃହସ୍ଥଙ୍କ କର୍ମ ସମ୍ପାଦନ ଖଣ୍ଡାଧାର ସଦୃଶ ପରି ହୋଇଥାଏ । ତେବେ ଗୃହସ୍ଥଙ୍କ ଧର୍ମ ସମ୍ପର୍କରେ ଏକ ଛୋଟିଆ ଆଲୋଚନାଟି ଉପସ୍ଥାପନ କରୁଛି । ଗୃହସ୍ଥର ଧର୍ମ ସଂପର୍କରେ ଔର୍ବ ମହର୍ଷି ମହାରାଜ ସଗରଙ୍କୁ ଦେଇଥିବା ଉପଦେଶ ଏହି ପରି ସ୍ୱଚ୍ଛ, ନିର୍ମଳ ଏବଂ ପବିତ୍ର ବସ୍ତ୍ର ଧାରଣ କରିବା ଗୃହସ୍ଥର ଧର୍ମ । ସେ ମଧୁରଭାଷୀ ଏବଂ ଉଦାର ସ୍ୱଭାବବିଶିଷ୍ଟ ହେବା ଉଚିତ । ସର୍ବଦା ସତ କହିବ ଏବଂ ସଜ୍ଜନଙ୍କ ମେଳରେ ରହିବ । ସେବା ଏବଂ ଦାନ ଗୃହସ୍ଥର ମୁଖ୍ୟ ଧର୍ମ । ପୁଣି କୌଣସି କାର୍ଯ୍ୟ ଭଲ ଭାବେ ଚିନ୍ତା ନକରି କରିବ ନାହିଁ । ନାକ କୁଣ୍ଡାଇବା, ମୁଖ ବନ୍ଦ ଥିବା ବେଳେ କାଶିବା ବା ଛିଙ୍କିବା, ଅକାରଣରେ ଜୋରରେ ହସିବା, ଓଠ, କେଶ ଓ ନଖ କାମୁଡ଼ିବା, ଭୂଇଁ ଉପରେ ଆଙ୍ଗୁଠିରେ ଲେଖିବା, ନଗ୍ନ ଅବସ୍ଥାରେ ଥିବା ଅନ୍ୟର ସ୍ତ୍ରୀକୁ ଅନେଇବା, ନଗ୍ନ ହୋଇ ଶୟନ କରିବା, ଆଚମନ ନକରି ଭୋଜନ କରିବା, ଦେବତା ଓ ଅତିଥିଙ୍କୁ ନ ଦେଇ ଖାଇବା, ଅଶ୍ୱତ୍ଥ ବୃକ୍ଷ ମୂଳେ ଶୋଇବା, ଶୁଭକର୍ମ ସଂପାଦନ କରୁଥିବା ବେଳେ ଛେପ ପକାଇବା, ସନ୍ଧ୍ୟା ଓ ଗ୍ରହଣକାଳ ଭଳି ଅଶୁଦ୍ଧ ସମୟରେ ଶାସ୍ତ୍ର ଅଧ୍ୟୟନ କରିବା ଏବଂ ଅଧିକ ସମୟ ଶୟନ, ମୈଥୁନ ଓ ବ୍ୟାୟାମ ଗୃହସ୍ଥର ଧର୍ମ ନୁହେଁ, ତେଣୁ ବର୍ଜନୀୟ । ଜଣେ ଆଦର୍ଶ ଗୃହସ୍ଥ ହେବା ପାଇଁ ଜାତି, ଧର୍ମ, ବର୍ଣ୍ଣ, ଅର୍ଥ, କ୍ଷମତା, ରୂପ ସୌନ୍ଦର୍ଯ୍ୟ ଦରକାର ପଡ଼ିନଥାଏ । ସର୍ବନିମ୍ନ ଆଧ୍ୟାତ୍ମିକ ଜୀବନ ଓ ନିଜ ଇଷ୍ଟ ବା ଗୁରୁଙ୍କ ମାର୍ଗ ନିର୍ଦ୍ଦେଶିତ ଦିବ୍ୟ ରାସ୍ତାରେ ଆଗେଇବା ପାଇଁ ଜଣେ ଉଦ୍ୟମ ଆରମ୍ଭ କଲେ ଭଗବାନଙ୍କ ଆଶୀର୍ବାଦ ପ୍ରାପ୍ତ ନିଶ୍ଚେ ହୋଇପାରିବା । ସଂସାର ଅଛି ତ ଦୁଃଖ, କଷ୍ଟ, ଅଭାବ, ଯନ୍ତ୍ରଣା, ଅପମାନ ଆଦି ଅନେକ ରହିବ । ତେବେ ଏସବୁ ଥିରୁ ନିଜକୁ ମୁକ୍ତ ରଖି ନିଜ ଜୀବନକୁ ଇଷ୍ଟଙ୍କ ନିର୍ଦ୍ଦେଶିତ ରାସ୍ତାରେ ଆଗେଇ ଚାଲି ଅନ୍ୟ ମାନଙ୍କ ପାଇଁ ସେବା ସମର୍ପିତ ମନ ଓ ଚିନ୍ତନ ରଖିଲେ ଗୃହସ୍ଥଙ୍କ ଆଧ୍ୟାତ୍ମିକ ଜୀବନ ନିଶ୍ଚିନ୍ତ ସୁଖମୟ ହେବ ଭଗବାନଙ୍କ ଦିବ୍ୟ ଆଶୀର୍ବାଦରୁ ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ପ୍ଲଟ ନଂ - ୧୪୫୦,
ସେକ୍ଟର-୧୦, ସିଡିଏ, କଟକ : ୯୮୬୧୧୧୮୬୭୩*



# ଲକ୍ଷ୍ମୀ ପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ରକ୍ତ ଦାତା ଦିବସ ପାଳିତ

ବାଲିଆପାଳ(ନିପ୍ର): ବାଲିଆପାଳ ଲକ୍ଷ୍ମୀପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରବିବାର ଓଡ଼ିଶା ରକ୍ତଦାତା ସଂଘ ପକ୍ଷରୁ ବିଶ୍ୱ ରକ୍ତଦାତା ଦ୍ୱିସ ପାଳିତ ହୋଇ ଯାଇଛି । ଏହି ଅବସର ରେ ବହୁ ସ୍ୱେଚ୍ଛାସେବୀ ସଙ୍ଗଠନ ର ସଦସ୍ୟା, ସଦସ୍ୟ, ସ୍ୱେଚ୍ଛା ରକ୍ତ ଦାତାଙ୍କୁ ସଂଘ ପକ୍ଷ ରୁ ସମ୍ବର୍ଦ୍ଧିତ କରିବା ସହିତ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅନୁଷ୍ଠିତ ସଭାକୁ ସଙ୍ଘର ସଭାପତି ତଥା ଅବସର ପ୍ରାପ୍ତ ସେନା ଅଧିକାରୀ ଭିକାରୀ ଚରଣ ମିସ୍ତ୍ରୀ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବରେ ପ୍ରତାପପୁର ସ୍ୱାସ୍ଥ୍ୟ କେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରି ଡ଼ା ସନ୍ତୋଷ କୁମାର ପ୍ରମାଣିକ, ମୁଖ୍ୟବକ୍ତା ଭାବରେ କୁନ୍ତଳା କୁମାରୀ ସଂସ୍କୃତ ମହାବିଦ୍ୟାଳୟ ଫଂଚୁପାଲିର ଅଧ୍ୟକ୍ଷ ରାଜକିଶୋର ବାରିକ, ସମ୍ମାନିତ ଅତିଥି ଭାବରେ ଲକ୍ଷ୍ମୀ ପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା, ବୋଲଙ୍ଗ ସ୍ୱାସ୍ଥ୍ୟ କେନ୍ଦ୍ର ର ସ୍ୱାସ୍ଥ୍ୟ ଅଧିକାରୀ କାର୍ତୀକ ଚନ୍ଦ୍ର ସାହୁ, ଅବସରପ୍ରାପ୍ତ ଶିକ୍ଷକ ତଥା କବି ବଜେନ୍ଦ୍ର ନାଥ ଗିରି, ସୁବର୍ଣରେଖା ମହାବିଦ୍ୟାଳୟର ଅଧ୍ୟାପକ ପ୍ରେମାନନ୍ଦ ସେଠୀ ପ୍ରମୁଖ ଯୋଗ ଦେଇ ରାଜ୍ୟରେ ରକ୍ତର ସମସ୍ୟା ଓ ଆବଶ୍ୟକତା ବିଷୟ ରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସର ରେ ବିଭିନ୍ନ ସମୟ ରେ ରକ୍ତ ଦାନ ଶିବିରର ଆୟୋଜକ ଅଧ୍ୟାପକ ରମେଶ ଚନ୍ଦ୍ର ପଣ୍ଡା ଓ ପ୍ରେମାନନ୍ଦ ସେଠୀ, ରାଜ୍ୟ ସରକରଙ୍କ ଠାରୁ ପ୍ରକୃତି ମିତ୍ର ପୁରସ୍କୃତ ରବୀନ୍ଦ୍ର କୁମାର ବେହେରା, ସମାଜରେ ଉଲ୍ଲେଖନୀୟ ଅବଦାନ ପାଇଁ ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ ବସ୍ତା ଓ ବାଲିଆପାଳର ସଦସ୍ୟା ସଦସ୍ୟଙ୍କ ସହିତ ଏନ ଏସ ଏସ ର ଉତମ ସେଚ୍ଛାସେବୀ ମାନଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରିବା ସହିତ ମାନପତ୍ର ପ୍ରଦାନ କରାଯାଇଥିଲା । ନୀଳମଣି ମହାବିଦ୍ୟାଳୟ ରୂପସାର ଅଧ୍ୟାପକ ଗୌରାଙ୍ଗ ଚରଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପଂଚଲିଙ୍ଗେଶ୍ୱର୍ ମହାବିଦ୍ୟାଳୟ ନୀଳଗିରିର ଅଧ୍ୟାପକ ହରିଶଙ୍କର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଇଂରାଜୀ ଅଧ୍ୟାପକ ଉତମ ମାହାନା, ଡିଇଓ ଦିଗମ୍ବର ରଣା, ସନ୍ନ୍ୟାସୀ ବେହେରା, ଅରୁଣ ମାଣିକ, ବିନୋଦ ବେହେରା ଙ୍କ ସହିତ ଲକ୍ଷ୍ମୀ ପ୍ରିୟା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସମସ୍ତ ଛାତ୍ରୀ, ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଛାତ୍ରୀ ଛାତ୍ର, ଉପସ୍ଥିତ ଥିଲେ । ସଂଘର ସଂପାଦକ ଗୋପାଳ ଚନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।




# ଶାରଦା ବିଦ୍ୟାମନ୍ଦିର ରୌପ୍ୟଜୟନ୍ତୀ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଭଦ୍ରକ(ହିସ): ଭଣ୍ଡାରିପୋଖରୀ ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ଶାରଦା ବିଦ୍ୟାମନ୍ଦିର ତାର ରୌପ୍ୟ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଶାରଦା ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଶାରଦା ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ ଶାରଦା ବିଦ୍ୟାମନ୍ଦିର ପରିଚାଳନା କମିଟିର ସଭାପତି ଚକ୍ରଧର ପ୍ରଧାନ ଉଦ୍ଘାଟନ କରିଥିଲେ । ଶାରଦା ବିଦ୍ୟାମନ୍ଦିରର ପୂର୍ବତନ ଛାତ୍ରଛାତ୍ରୀ ମାନଙ୍କ ଉପସ୍ଥିତରେ ଏହି ବୈଠକ ରେ ପରିଚାଳନା କମିଟି ର ସଭ୍ୟ ତାରାକାନ୍ତ ରାଉତ, ଅନ୍ୟତମ ସଭ୍ୟ ତଥା ବରିଷ୍ଠ ଶିକ୍ଷକ ନିର୍ମଳ କୁମାର ସେନାପତି, ଶିଶୁ ସାହିତ୍ୟିକ ପବନ, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱମ୍ବର ନାଥ, କୁମାର ନାୟକ ବରିଷ୍ଠ ଗୁରୁଜୀ ନିତ୍ୟାନନ୍ଦ ସେନାପତି, କେଶବ ଚନ୍ଦ୍ର ସେଠୀ,ପ୍ରକାଶ ସାହୁ, ଗଙ୍ଗାଧର ପଲତା, ଅଜୟ ରାଉତ ଅତିଥି ରୂପେ ଯୋଗ ଦେଇଥିଲେ । ୨୦୧୩ ମସିହାରୁ ୨୦୨୬ ମସିହା ପର୍ଯ୍ୟନ୍ତ ମାଟ୍ରିକ ରେ ଉତୀର୍ଣ ହୋଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଗଠିତ ଆଲମୁନି କମିଟି ରୌପ୍ୟ ଜୟନ୍ତୀ ପାଳନ କରିବାର ଦାୟିତ୍ୱ ନେବ ବୋଲି ବୈଠକରେ ସ୍ଥିରୀକୃତ ହୋଇଛ । ସୂଚନଯୋଗ୍ୟ ୨୦୦୨ ମସିହାରେ ପ୍ରତିଷ୍ଠିତ ହୋଇଥିବା ଏହି ବିଦ୍ୟାଳୟ ଆସନ୍ତା ୨୦୨୭ ମସିହାରେ ରୌପ୍ୟ ଜୟନ୍ତୀ ପାଳନ କରିବାକୁ ଯାଉଛି । ଆସନ୍ତା ୨୦୨୭ ମସିହା ଅପ୍ରେଲ ମାସ ରେ ତିନିଦିନ ବ୍ୟାପୀ ଏହି ଉତ୍ସବ ପାଳନ କରାଯିବ ବୋଲି ବୈଠକରେ ସ୍ଥିରିକୃତ ହୋଇଛି । ପୂର୍ବତନ ଛାତ୍ର ସୌମ୍ୟରଂଜନ ଦାସ, ରାମଚନ୍ଦ୍ର ନାୟକ, ଶ୍ରୀନାଥ ଶୀତିକଣ୍ଠ, ଜୟକୃଷ୍ଣ ଦାସ, ରାଜେଶ ରାଉତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶତାଧିକ ପୂର୍ବତନ ଛାତ୍ରଛାତ୍ରୀ ଏହି ବୈଠକରେ ଯୋଗଦେଇ ରୌପ୍ୟ ଜୟନ୍ତୀକୁ ସଫଳ କରିବେ ବୋଲି ପ୍ରତିଜ୍ଞା କରିଥିଲେ । ଅସୀମା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଗୁରୁମା ଅର୍ପିତା ନାୟକ ଓ ବନ୍ୟା ପଣ୍ଡା ଉତ୍ସବ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

# ଓଡ଼ିଶା ମେଡିକାଲ କର୍ମଚ୍ଚାରୀ ସଂଘର ବୈଠକ

ବାରିପଦା(ନିପ୍ର) : ଶୁକ୍ରବାର ଦିନ ଓଡ଼ିଶା ମେଡିକାଲ କର୍ମଚ୍ଚାରୀ ସଂଘର ଏକ ବୈଠକ ରାଜ୍ୟ ଓଡ଼ିଶା ମେଡିକାଲ କର୍ମଚ୍ଚାରୀ ସଂଘର କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ପ୍ରଭାକର ପଲେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ମୟୂରଭ ଜିଲ୍ଲା ମେଡିକାଲ କର୍ମଚ୍ଚାରୀ ଶାଖା ସଂଘର କମକର୍ତ୍ତା ଓ ସଭ୍ୟ ସଭ୍ୟା ଉପସ୍ଥିତ ରହି ସଂଘକୁ ସୁଦୃଢ଼ କରିବା ନିମନ୍ତେ ଓଡ଼ିଶା ମେଡିକାଲ କର୍ମଚ୍ଚାରୀ ସଂଘର ସଭାପତି ମାନ୍ୟବର ବିଧାୟକ ତଥା ପୂର୍ବତନ ରାଜ୍ୟ ମନ୍ତ୍ରୀ ନରେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟର ସମସ୍ତ ଜିଲ୍ଲା ଓ ମେଡିକାଲ କଲେଜର କର୍ମଚ୍ଚାରୀ ମାନଙ୍କ ଅଭାବ ଅସୁବିଧା ବୁଝିବା ନିମନ୍ତେ କେନ୍ଦ୍ରିୟ ଟିମ୍ ଗଠନ କରି ସବୁ ଜିଲ୍ଲା ଗସ୍ତକରି କର୍ମଚ୍ଚାରୀ ମାନଙ୍କର ବିଭିନ୍ନ ଦାବି ଗୁଡିକୁ ଆଲୋଚନା କରି ସଭାପତିଙ୍କୁ ଦିଆଗଲା । ନିମ୍ନରେ ଦାବୀଗୁଡିକ ପ୍ରଦାନ କରାଗଲା । ଏହି ଦାବି ଗୁଡିକ ରାଜ୍ୟ ସଂଘର ସଭାପତି ନରେନ୍ଦ୍ର ପ୍ରତାପ ସ୍ୱାଇଁ ମାନ୍ୟବର ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ମାନ୍ୟବର ମୁଖ୍ୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରି ଯଥାଶିଘ୍ର ସମାଧାନ କରିବେ । ଏହି ବୈଠକର ଜିଲ୍ଲା ସଂଘର ସଭାପତି ଶ୍ରୀ ଶ୍ୟାମସୁନ୍ଦର ଦେଓ, ଜିଲ୍ଲା ସମ୍ପାଦକ ସୁଶିଲ କୁମାର ସାହୁ, କୋଷାଧ୍ୟକ୍ଷ ସୁବୋଧ କୁମାର ଜେନା, ସହ-ସମ୍ପାଦକ ଦିଲ୍ଲୀପ କୁମାର ମିଶ୍ର ଏବଂ ରାଜ୍ୟ ସଂଘର ସମ୍ପାଦକ ବିଶ୍ୱଶଙ୍କର କଳିଆ, ସମ୍ପାଦିକା ଅଜନ୍ତା ଛାଟିଆ, ମେଡିକାଲ କଲେଜ ସମ୍ପାଦକ ମହେନ୍ଦ୍ର ପଲେଇ କର୍ମକର୍ତା ସନ୍ତୋଷ କୁମାର ନାଏକ, ଫୁଲୁଲି ମୁଖୀ, ସୋମବାରୀ ମୁର୍ମୁ, ଭାରତୀ ଆଚ୍ଚାର୍ଯ୍ୟ, ରୀନା ପାଣି, ପ୍ରଜ୍ଞା ସାମନ୍ତରାୟ, ସନ୍ଦୀପ ଧୀର, ସୁଚିସ୍ମିତା ମହାକୁଡ୍, ଓମକାର, ଅନିଲ ମୁଖୀ, ପପୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ପରିଶେଷରେ ବିଶ୍ୱଶଙ୍କର କଳିଆ ଧନ୍ୟବାଦ ଅର୍ପଣ କରି ବୈଠକ ସାଙ୍ଗ କରିଥିଲେ । ଓଡ଼ିଶା ମେଡିକାଲ କର୍ମଚ୍ଚାରୀ ସଂଘର ପ୍ରମୁଖ ଦାବୀ ସମ୍ପର୍କରେ....୧. ଯେଉଁ ମାନେ ମେଡିକାଲ ସାର୍ଭିସ୍ ପ୍ରୋଭାଇଡର୍‌ରେ ଚୁକ୍ତି ଭିର୍ତ୍ତିକ କର୍ମଚ୍ଚାରୀ ଭାବେ ୬ବର୍ଷରୁ ଉର୍ଦ୍ଧ କାର୍ଯ୍ୟରତ ଅଛନ୍ତି ସେମାନଙ୍କୁ କୌଣସି ଘରେଇ ସଂସ୍ଥା ଦ୍ୱାରା ନିଯୁକ୍ତି ନଦିଆଯାଇ ସରକାରଙ୍କ ବିଦ୍ଧିବଦ୍ଧ ଭାବେ ସ୍ଥାୟୀ ନିଯୁକ୍ତି କରାଯାଉ । ୨. ଜିଲ୍ଲା ମୁଖ୍ୟା ଚିକିତ୍ସା ଅଧିକାରୀ ମୟୂରଭଞ୍ଜର ୪୬ଟି ଆଟେଣ୍ଡା ଗୃପ୍-'ଡି' ପଦବୀ ଘୋଷଣା ନାମା କରିଥିଲେ- ୨୦୧୬ ମସିହାରେ ତାହା ବର୍ତମାନ ସୁଦ୍ଧା ନିଯୁକ୍ତି ପ୍ରଦାନ କରାଯାଇ ନାହିଁ ତାହା ଯଥା ଶିଘ୍ର ନିଯୁକ୍ତି ପ୍ରଦାନ କରାଯାଉ । ୩. ଡାକ୍ତରଖାନା, ତଥା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମାନଙ୍କରେ କାର୍ଯ୍ୟରତ ଆଟେଣ୍ଡାଣ୍ଟ, ସୁଇପର, ପିଅନ ମାନଙ୍କ ପାଇଁ ସରକାରୀ ବାସଗୃହ ଯୋଗାଇ ଦିଆଯାଉ । ୪. ଚ୍ଚକିରୀ ବୟସ ସୀମା ୬୦ ବର୍ଷରୁ ୬୫ ବର୍ଷକୁ ବୃଦ୍ଧି କରାଯାଉ, ଗୃପ୍- 'ଡି' (୪ର୍ଥ ଶ୍ରେଣୀ) କର୍ମଚ୍ଚାରୀ ମାନଙ୍କର । ୫. ପୂର୍ବରୁ ମେଡିକାଲ କଲେଜ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ବାରିପଦାରେ ୪୬ଗୋଟି ଗୃପ୍- 'ଡି' ପଦବୀ ବିଜ୍ଞାପନ ଜାରି କରାଯାଇଥିଲା ତାହା ତୁରନ୍ତ ପୂରଣ କରାଯାଉ । ୬. ମ୍ୟାଟ୍ରିକରୁ ଉର୍ଦ୍ଧ ପାସ କରିଥିବା କର୍ମଚ୍ଚାରୀ ମାନଙ୍କୁ ପଦନ୍ନୋତି ଦିଆଯାଉ । ପ୍ରତ୍ୟେକ ବର୍ଷପରି ଡି.ପି.ସି. ବସାଯାଇ ନିଯୁକ୍ତି ପ୍ରଦାନ କରାଯାଉ । ଦୁଃଖର ବିଷୟ ୨୦୧୩ ମସିହାରୁ ଆଜି ପର୍ଯ୍ୟନ୍ତ ସରକାର ଡି.ପି.ସି. ବସାଇ ନାହାନ୍ତି ତଥା ନିଯୁକ୍ତି ପ୍ରଦାନ ମଧ୍ୟ କରିନାହାନ୍ତି । ୭. ମେଡିକାଲ କଲେଜ ପରିସରରେ ଆଟେଣ୍ଡା ଓ କର୍ମଚ୍ଚାରୀ ମାନଙ୍କ ପାଇଁ କ୍ୟାଂଟିନ୍‌ର ବ୍ୟବସ୍ଥା କରିବା ପାଇଁ ଅନୁମତି ପ୍ରଦାନ କରାଯାଉ ।

# ଆଶ୍ରମବାସୀଙ୍କୁ ଫଳ ଓ ଖାଦ୍ୟ ସାମଗ୍ରୀ ବଂଟନ

ଧାମନଗର(ନିପ୍ର): ମାନବ ସେବା ହିଁ ମାଧବ ସେବା । ଏହି ଉକ୍ତିକୁ ଚରିତାର୍ଥ କରି ଆଗେଇ ଆସିଛି ଧାମନଗରର ଅଗ୍ରଣୀ ଅନୁଷ୍ଠାନ 'ଏଲ.ଏଲ. ଏଜୁକେସନାଲ ଓ ଚାରିଟେବୁଲ ଟ୍ରଷ୍ଟ' । ନିକଟରେ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଜରାଶ୍ରମରେ ଏକ ସ୍ୱତନ୍ତ୍ର ସାମାଜିକ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସଭାପତି ଡ. ସେକ ଅବଦୁଲ ହାକିମଙ୍କ ସୁଦକ୍ଷ ନେତୃତ୍ୱରେ ଆୟୋଜିତ ଏହି ମହତ କାର୍ଯ୍ୟକ୍ରମରେ ଆଶ୍ରମରେ ଆଶ୍ରୟ ନେଉଥିବା ବୃଦ୍ଧ, ଅସହାୟ ଓ ଆଶ୍ରୟହୀନ ବ୍ୟକ୍ତିବିଶେଷଙ୍କୁ ଫଳ ସହ ବିଭିନ୍ନ ଖାଦ୍ୟ ସାମଗ୍ରୀ ବଂଟନ କରାଯାଇଥିଲା । ଏହି ଅବସରରେ ଉପସ୍ଥିତ ଟ୍ରଷ୍ଟର ସଦସ୍ୟବୃନ୍ଦ, ସମାଜସେବୀ ଓ ବରିଷ୍ଠ ନାଗରିକମାନେ ସମାଜର ଅବହେଳିତ ଓ ଦୁର୍ବଳ ବର୍ଗର ଲୋକଙ୍କ ପାଇଁ ସେବା ଓ ସହଯୋଗର ହାତ ବଢ଼ାଇବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଟ୍ରଷ୍ଟର ଏଭଳି ମାନବିକ ପଦକ୍ଷେପକୁ ଆଶ୍ରମବାସୀମାନେ ହୃଦୟ ସହ ସ୍ୱାଗତ କରିବା ସହ ଏହା ସମାଜରେ ଏକ ସକାରାତ୍ମକ ବାର୍ତା ପହଂଚାଉଛି ବୋଲି ମତ ଦେଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଏଲ.ଏଲ. ଏଜୁକେସନାଲ ଓ ଚାରିଟେବୁଲ ଟ୍ରଷ୍ଟ ଦୀର୍ଘଦିନ ଧରି ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସେବା ଓ ଜନକଲ୍ୟାଣ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରି ଆସୁଛି । ଅନୁଷ୍ଠାନର ଏହି ନିସ୍ୱାର୍ଥପର ସେବାକୁ ସ୍ଥାନୀୟ ଅଂଚଳରେ ବେଶ୍ ପ୍ରଶଂସା କରାଯାଇଛି ।




# ୧୩ତମ ତିନି ଦିନିଆ ରଜମଉଜ-୨୦୨୬ ଉଦ୍‌ଘାଟିତ

ବାରିପଦା(ନିପ୍ର): ଅମ୍ବିକାସାହି ଠାରେ ଥିବା ଶିଶୁଉଦ୍ୟାନରେ ତିନିଦିନିଆ ୧୩ତମ ରଜମଉଜ-୨୦୨୬ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ବରିଷ୍ଠ ଅଭିନେତା ଓ ପ୍ରଯୋଜକ ଅସିତ ପତି ଓ ଏମ.ସି.ସି. ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତିଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ରଜମଉଜର ସଭାପତି ଜିତେନ୍ଦ୍ର ମହାନ୍ତି ଓ ସଂଯୋଜକ ଲିଟନ ପଟ୍ଟନାୟକ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଉଦ୍‌ବୋଧନ ଦେଇଥିଲେ । ପୂର୍ବତନ କୃଷି ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି ଏପରି ଏକ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ କର୍ମକର୍ତାମାନଙ୍କୁ ପ୍ରଶଂସା କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡର କାଉନସିଲର ଶିବଶଙ୍କର ପାତ୍ର, ଅନନ୍ତ ଦାସ, ଦେବଶିଷ ପାତ୍ର, ପ୍ରଭାତି ମହାନ୍ତି, ମୂର୍ଚ୍ଛନା ମହାନ୍ତି, ପ୍ରଭାତୀ ପୃଷ୍ଟି, ରୀନା ଶର୍ମା, ଜିତା ସିଂ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ । ସେହିପରି ବାଙ୍ଗିରିପୋଷି କଲେଜର ପୂର୍ବତନ ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର ଓ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମିନା ଦାସ ପୋଡପିଠା କାଟି ରଜକୁମାରୀମାନଙ୍କ ମଧ୍ୟରେ ପ୍ରେରଣା ଭରିଦେଇଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମକ ରାଇରଙ୍ଗପୁର କଲେଜର ପୂର୍ବତନ ପ୍ରିନସିପାଲ ସୁନୀଲ ଜେନା ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅମ୍ବିକା ସାହିର ଶାନ୍ତନୁ ଦାସ, ପ୍ରେମଜିତ୍ ଦାସ, ଡା. କିଶୋର ପାତ୍ର, ସତ୍ୟସ୍ୱରୂପ ଦାଶ, ଅମ୍ବିକା ଘୋଷ, ନନ୍ଦନ ଭଞ୍ଜ, କଳାକାର ଅଭିଷେକ ରାଉତ, ରିଚା ବାରିକ, ସୁଦର୍ଶନ ସାହୁ, ଦୀପକ ଦାସ, ଶିବାନନ୍ଦ ସାହୁ, ସୂରଜ କୁମାର, ଅଭିନନ୍ଦନ ଦାସ ଓ ମୁନୁ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ । ଅପରାହ୍ନରେ ପହିଲି ରଜ ପାଇଁ ମ୍ୟୁଜିକ ଚେୟାର, ବୁରା ଡିଆଁ ଓ ସ୍କିପିଙ୍ଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥଲା । ସନ୍ଧ୍ୟାରେ ସିନିୟର ଓ ଜୁନିୟର ଗ୍ରୁପ ମାନଙ୍କର ଏକକ ରେକର୍ଡ ଡ୍ୟାନସ୍ ପ୍ରତିଯୋଗିତା ସହ ରଜକୁଇନ ପ୍ରତିଯୋଗିତାର ପ୍ରାରମ୍ଭିକ ଅଧ୍ୟାୟ ଅନୁଷ୍ଠିତ ହୋଇଥିଲା । ୨ୟ ଦିବସରେ ବରିଷ୍ଠ କଣ୍ଠ ଶିଳ୍ପୀ ଦେବାଶିଷ ମହାପାତ୍ର, ଡଃ ତନ୍ମୟୀ ରଥ ଓ ଅନୁପ ସାହା କଣ୍ଠ ସଂଗୀତ ପରିବେଷଣ କରିବେ ଓ ବିଶିଷ୍ଟ ଚଳଚ୍ଚିତ୍ର ପ୍ରଯୋଜକ ଓ ଅଭିନେତା ପ୍ରଦ୍ୟୁମ୍ନ ଲେଙ୍କା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।



# 'ବନ୍ଧନ ସମ୍ପର୍କ ଓ ସ୍ନେହର ମହାମିଳନ' କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲିଆପାଳ(ନିପ୍ର): ପବିତ୍ର ରଜ ପର୍ବ ଅବସରରେ ବାଲିଆପାଳ ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମ ପଂଚାୟତର ମଇଁଷାମୁଣ୍ଡା ଗ୍ରାମରେ ପାରିବାରିକ ପୂଜ୍ୟପୂଜାର ଏକ ନିଆରା କାର୍ଯ୍ୟକ୍ରମ 'ବନ୍ଧନ... ସମ୍ପର୍କ ଓ ସ୍ନେହର ମହାମିଳନ' ଶନିବାର ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକ୍ରମରେ ଶ୍ରୀରାମପୁର ଗ୍ରାମର ସନ୍ତୋଷ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ । ଅତିଥି ଭାବରେ ଅବସର ପ୍ରାପ୍ତ ରେଳ କର୍ମଚାରୀ ବିଜୟ କୁମାର ସାହୁ, ଅବସର ପ୍ରାପ୍ତ ଡାକ ସେବା ଅଧିକାରୀ ଶ୍ରୀନିବାସ ସାହୁ, ଜଳସମ୍ପଦ ବିଭାଗର ବରିଷ୍ଠ କିରାଣୀ ଅନନ୍ତ କୁମାର ସାହୁ, ଅରୁଣ କୁମାର ସାହୁ, ସୁଦର୍ଶନ ସାହୁ, ସଂଜୀବ କୁମାର ସାହୁ, ସୁବାସ କୁମାର ନାୟକ, ନାରାୟଣ ପ୍ରସାଦ ସାହୁ, ସୁଜିତ କୁମାର ନାୟକ, ଗୋପାଳ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହା ପରେ ବନ୍ଧୁ ବାନ୍ଧବମାନେ ପୂର୍ବ ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ନିଜର ପିଲା ଦିନର ବହୁ ଅଭୁଲା ସ୍ମୃତିକୁ ମନେ ପକାଇବା ସହ ନିଜର ଆତ୍ମୀୟଙ୍କ ସାମ୍ନାରେ ନିଜର ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମକୁ ଶୁଭମ୍ ସାର୍ଥକ ସାହୁ ସମେତ ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ କ୍ଷଶେଷରେ ଭର୍ତ୍ତୃହରି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଦଶ ଦିବସୀୟ ବିପଶ୍ୟନା ଶିବିର ଅନୁଷ୍ଠିତ

ନୀଳଗିରି(ନିପ୍ର): ନୀଳଗିରି ଉପଖଣ୍ଡ ଔପଦା ବ୍ଲକ ର କାଣ୍ଡଗରଡ଼ି ପଂଚାୟତ ଅଧୀନ ବାବା ବିଶେଶ୍ୱର ଶୈବ ପୀଠ ସଂଲଗ୍ନ ବିପଶ୍ୟନା କେନ୍ଦ୍ର ସଭା ଗୃହ ରେ ୧୦ ଦିନିଆଁ (୨ ଜୁନ୍ ରୁ ଆରମ୍ଭ ହୋଇ ୧୩ ଜୁନ୍ ) ମଧ୍ୟରେ ରେ ବିପଶ୍ୟନା ଶିବିର ଆୟୋଜିତ ହୋଇ ଯାଇଛି । ଏହି ଶିବିର ରେ ପାଖା ପାଖି ୩୦ ଜଣ ରୁ ଉର୍ଦ୍ଧ ଶିବିରାର୍ଥି ଭାଗ ନେଇଥିଲେ । ଏକ ଶାନ୍ତ ସ୍ନିଗ୍ଧ ବାତାବରଣ ମଧ୍ୟରେ ଶିବିର ର ଗମ୍ଭୀରତା ବିପଶ୍ୟନା ସାଧକ ମାନଙ୍କ ର ସାଧନାକୁ ଆହୁରି ଅଧିକ ପୁଷ୍ଟ କରିବାରେ ସହାୟତା ହୋଇଥିଲା । ଧ୍ୟାନର ଅବିଚ୍ଛିନ୍ନ ପ୍ରଶାନ୍ତି କୁ ସମସ୍ତେ ଉପଲବ୍ଧି କରୁଥିଲେ ।ମନ ରେ ନିରବତା, ସୁଖ ଶାନ୍ତି, ଆନନ୍ଦର ଅନୁଭବକୁ ନେଇ ଘରକୁ ପ୍ରତ୍ୟାବର୍ତନ କରିଥିଲେ । କର୍ମ ଏବଂ ବ୍ୟସ୍ତ ବହୁଳ ଯିବନ ରେ ମୋବାଇଲ ଏବଂ ଘର ଠାରୁ ସଂଯୋଗ ଚିନ୍ନ କରି ଶିବିରକ୍ଷର୍ଥୀ ମାନେ ନିର୍ଦ୍ଦିଷ୍ଟ ମୁଦ୍ରାରେ ଅଧିଷ୍ଠାନ କରି ପ୍ରତେହ ୧୦ ରୁ ୧୧ ଘଂଟା ଧ୍ୟାନ କରୁଥିଲେ । ବିପାସନା ସାଧନାର ମାର୍ଗଦର୍ଶନ ରେ ରୋଗ ଶୋକରୁ ମୁକ୍ତି ମୁଖ୍ୟତଃ ଏହି ଶିବିରରେ ମୁଖ୍ୟ ଉଦେଶ୍ୟ ଥିବା ବେଳେ ଆସିଥିବା ସମସ୍ତ ଶିବିରକ୍ଷର୍ଥୀ ଏହି ଶିବିରର ଉଦେଶ୍ୟକୁ ହୃଦୟଙ୍ଗମ କରିଥିବା ସୂଚନା ମିଳିଛି । ସୂଚନା ରୁ ପ୍ରକାଶ ଏହି ବିପଶ୍ୟନା କେନ୍ଦ୍ର ଟି ବାଲେଶ୍ୱର, ଭଦ୍ରକ, ମୟୁରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲା ରେ ୧ମାତ୍ର ଧ୍ୟାନ କେନ୍ଦ୍ର ହୋଇଥିବା ବେଳେ ଓଡିଶା ର ଭୁବନେଶ୍ୱର ରେ ପ୍ରଥମ ବିପଶ୍ୟନା କେନ୍ଦ୍ର ସ୍ଥାପନା ହୋଇଥିବା ସ୍ଥଳେ ରାଜ୍ୟ ପାଇଁ ଏହି ବିପଶ୍ୟନା କେନ୍ଦ୍ର ଟି ଧରେ ଧୀରେ ସମଗ୍ର ଓଡିଶା ରେ ନିଜର ପରିଚୟ ସୃଷ୍ଟି କରିବା ସହିତ ଅନେକ ପଥଭ୍ରଷ୍ଟ ଲୋକ ଙ୍କ ପାଇଁ ପଥ ପ୍ରଦର୍ଶକର କେନ୍ଦ୍ର ସହିତ ରୋଗ ଶୋକ ରୁ ମୁକ୍ତି ସ୍ଥଳ ପାଲଟିବ ବୋଲି ଶିବିରକ୍ଷର୍ଥୀ ମାନେ ମତ ପ୍ରକାଶ କରିଥିଲେ କ୍ଷ ଏହି ଧ୍ୟାନ ଶିବିର ଟି ମୁଖ୍ୟ ପରିଚାଳକ ସଂଗ୍ରାମ କୁମାର ମହନ୍ତଙ୍କ . ତତ୍ତ୍ୱାବଧାନ ରେ ଅନୁଷ୍ଠିତ ହୋଇଥିବା ବେଳେ. ସହାୟିକା ଆଚାର୍ଯ୍ୟକ୍ଷ ସବିତା ଦାସ ମାର୍ଗ ଦର୍ଶନ କରିଥିଲେ । ଏଥି ସହିତ ଖଗେଶ୍ୱର ପାତ୍ର, ଅଶୋକ କୁମାର ରାଉଳ, ସୁଧାକର ମଲ୍ଲିକ, ରମାକାନ୍ତ ବିଶ୍ୱାଳ, ସୁମନ୍ତ ଶେଖର ସ୍ୱାଇଁ , ଗୀତାଞ୍ଜଳି ସ୍ୱାଇଁ, ରମେଶ ମୁଦୁଲି ଏବଂ ଅନ୍ୟମାନେ ପରିଚାଳନା ରେ ସହଯୋଗ କରିଥିଲେ ।

# ନିଖିଳ ଓଡ଼ିଆ ପାଠକ ମଂଚର ଗଳ୍ପ ଓ କବିତା ଆସର

ନୟାଗଡ଼(ନିପ୍ର): ସ୍ଥାନୀୟ ଶିକ୍ଷକ ଭବନ ଠାରେ 'ନିଖିଳ ଓଡ଼ିଆ ପାଠକ ମଂଚ'ର ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶିଷ୍ଟ ନାଟ୍ୟକାର ତଥା ସମାଜ ସେବୀ କମ୍ରେଡ୍ ବିଶ୍ୱନାଥ ମହାପାତ୍ର ଓ ବରିଷ୍ଠ ସାହିତ୍ୟ ସଂଗଠକ ନିର୍ମଳ ଚନ୍ଦ୍ର ଶୂରଦେଓ ପ୍ରଦୀପ ପ୍ରଜ୍ୱଳନକରି ସାହିତ୍ୟ ଆସର ଶୁଭାରମ୍ଭ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ଅଧ୍ୟକ୍ଷ ପ୍ରଭାତ କୁମାର ମିଶ୍ର 'ନିଖିଳ ଓଡ଼ିଆ ପାଠକ ମଂଚ'ର ଲକ୍ଷ୍ୟ ଓ ଗତ ୧୫ ବର୍ଷ ମଧ୍ୟରେ ଏହାର ଭୂମିକା ସଂପର୍କରେ ନିଜର ମତ ଉତାପନ କରିଥିଲେ । ଉଭୟ ଗଳ୍ପ ପଠନ ଓ କବିତା ଆବୃିର ଯୁଗଳ ବନ୍ଦୀରେ ସ୍ୱତନ୍ତ୍ର ଭାବେ ଉପସ୍ଥିତ ଦର୍ଶକ ବର୍ଗ ନିଜନିଜର ପାଠକୀୟ ବିବୃତି ଓ ମତାମତ ରଖିବା ସହ କୃତି ଗୁଡ଼ିକର ଏକ ସାମୁହିକ ସମୀକ୍ଷା ଓ ସମୀକରଣ କରାଯାଇଥିଲା । ଏହି ବିଦଗ୍ଧ ସାହିତ୍ୟ ଆସରରେ ବିଶିଷ୍ଟ କବି ଚନ୍ଦ୍ରବିଜୟୀ ମିଶ୍ର, କମଳ ଦାସ, ନିର୍ମଳ ଚନ୍ଦ୍ର ଶୂରଦେଓ, ପ୍ରଭାତ ମିଶ୍ର, ଗୁଣନିଧି ମହାପାତ୍ର, ସରୋଜ ସାହୁ, ପ୍ରଭୁଦତ ପ୍ରଧାନ, ଉଷା ମଣି ମିଶ୍ର ପ୍ରମୁଖ କବିତା ପାଠ କରିଥିବା ବେଳେ ଅଧ୍ୟାପକ ଆଶୁତୋଷ ମିଶ୍ର, କମ୍ରେଡ୍ ବିଶ୍ୱନାଥ ମହାପାତ୍ର, ଶେଖ୍ ଅବଦୁଲ୍ ଖାଲିକ୍ , ଗୋପୀନାଥ ସେଠୀ, ଅଧ୍ୟାପକ ଶୁଭ୍ରାଂଶୁ ବିଶ୍ୱାଳ ପ୍ରମୁଖ ସ୍ୱକୀୟ ଗଳ୍ପ ପଠନ କରିଥିଲେ । ଏହି ସାହିତ୍ୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଦୁଇ ସଂଯୋଜିକା କ୍ଷଣପ୍ରଭା କର ଓ ଅଧ୍ୟାପିକା ନୀଳିମା ନନ୍ଦ । ଶେଷରେ ସଂପାଦକ ଗୁଣନିଧି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।







# ବିକଶିତ ଭାରତ ୨୦୩୬ ଉପରେ ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ଚକ୍ର

ଝାରସୁଗୁଡ଼ା, (ନି.ପ୍ର.) ରାଜ୍ୟ ସରକାରଙ୍କ ସଫଳ ଦୁଇ ବର୍ଷ ପୂର୍ତି ଅବସରରେ ସମଗ୍ର ଓଡ଼ିଶାରେ 'ବିକାଶର ଧାରା, ଓଡ଼ିଶା ସାରା' ସ୍ଲୋଗାନ ସହ ଉଦଯାପନୀ ସନ୍ଧ୍ୟା ପାଳିତ ହୋଇଯାଇଛି । ମାନ୍ୟବର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ବଳିଷ୍ଠ ନେତୃତ୍ୱ ଏବଂ ଦୂରଦର୍ଶୀ ପଦକ୍ଷେପମାନ ବିକଶିତ ଓଡ଼ିଶା ଗଠନ ଦିଗରେ ପ୍ରେରଣାର ଇନ୍ଧନ ସାଜିଛି । ଏହି ଗୌରବମୟ ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଏମସିଏଲ୍ ଅଡିଟୋରିୟମଠାରେ ଅପରାହ୍ନ ସମୟରେ ଏକ ସ୍ୱତନ୍ତ୍ର 'ମିଡିଆ କନେକ୍ଟ କାର୍ଯ୍ୟକ୍ରମ' ତଥା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା




ଚକ୍ରର ମୁଖ୍ୟ ବିଷୟବସ୍ତୁ ଥିଲା 'ବିକଶିତ ଓଡ଼ିଶା, ବିକଶିତ ଭାରତ ୨୦୩୬' । ଏଥିରେ ପ୍ରିଂଟ, ଇଲେକ୍ଟ୍ରୋନିକ୍ସ ଏବଂ ୱେବ୍ ଗଣମାଧ୍ୟମର ବହୁ ପ୍ରତିନିଧି ଯୋଗଦେଇଥିଲେ ।ଏହି ସମ୍ମାନଜନକ ମଂଚରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ମହାନ୍ତି, ମେହବୁବ ମହତାବ, ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. ଶିବପ୍ରିୟା ମିଶ୍ର, ଅଧ୍ୟାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ ଏବଂ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରିତାଞ୍ଜଳୀ ବଳିୟାରସିଂହ ପ୍ରମୁଖ ଉପସ୍ଥିତ ଥିଲେ । ଓଡ଼ିଶା ଜୀବିକା ମିଶନର ଜିଲ୍ଲା ପ୍ରକଳ୍ପ ସଂଯୋଜିକା ଡ. ପୁଷ୍ପଶ୍ରୀ ନାୟକ ଏହି ସମଗ୍ର ଆଲୋଚନା ଚକ୍ରକୁ ସଫଳତାର ସହ ପରିଚାଳନା କରିଥିଲେ ।ଆଲୋଚନାରେ ଭାଗ ନେଇ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ମହାନ୍ତି କହିଥିଲେ ଯେ ଓଡ଼ିଶାକୁ ଏକ କ୍ଷୁଧା ମୁକ୍ତ ରାଜ୍ୟ ଭାବେ ଗଢ଼ିତୋଳିବା ସହ ଗ୍ରାମାଂଚଳକୁ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇବା ଏବଂ ଶିକ୍ଷାର ମାନ ବୃଦ୍ଧି କରିବା ଉପରେ ସର୍ବାଧିକ ଗୁରୁତ୍ୱ ଦେବାକୁ ହେବ । ସେହିପରି ଅନ୍ୟତମ ବରିଷ୍ଠ ସାମ୍ବାଦିକ ମେହବୁବ ମହତାବ ୨୦୩୬ ମସିହାରେ ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତିକୁ ଦୃଷ୍ଟିରେ ରଖି କହିଥିଲେ ଯେ, ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବାକୁ ହେଲେ କୃଷି ଉପରେ ଜୋର୍ ଦେବାକୁ ହେବ । ଅନ୍ୟପକ୍ଷରେ, ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡ. ଶିବପ୍ରିୟା ମିଶ୍ର ଆଜିର ପିଢ଼ି ପାଇଁ ବୈଦିକ ଜ୍ଞାନ ସହ କୃତ୍ରିମ ବୁଦ୍ଧିମତାର ସମନ୍ୱୟ ଉପରେ ଆଲୋକପାତ କରିଥିଲେ । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ଗଣମାଧ୍ୟମର ଭୂମିକା ଏବଂ ନାଗରିକଙ୍କ କର୍ତବ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ । ଅଧ୍ୟାପିକା ଡ. ସ୍ୱର୍ଣ୍ଣମୟୀ ପୁରୋହିତ ବିକାଶର ପ୍ରକ୍ରିୟାକୁ ବୁଝାଇ କହିଥିଲେ ଯେ ବିକାଶ କେବଳ ଏକ ସ୍ଥିର ଜିନିଷ ନୁହେଁ, ବରଂ ଏହା ବିକାଶଶୀଳରୁ ବିକଶିତ ଆଡ଼କୁ ଏକ ନିରନ୍ତର ଯାତ୍ରା । କାର୍ଯ୍ୟକ୍ରମର ଶେଷରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ କୃଷ୍ଣାକେଶି ବଳିୟାରସିଂହ ସମସ୍ତ ଅତିଥି, ବୁଦ୍ଧିଜୀବୀ ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ତରଫରୁ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୦୯ ତମ ମହାପ୍ରୟାଣ ଦିବସ ପାଳିତ

ଜଳେଶ୍ୱର (ନି.ପ୍ର )/ ରବିବାର ପୂର୍ବାହ୍ନ ୮ ଘଟିକାରେ ଲକ୍ଷ୍ମଣନାଥ ଆଶ୍ରମ ପରିସରରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୦୯ତମ ମହାପ୍ରୟାଣ ଦିବସ ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ତରଫରୁ ମାଲ୍ୟାର୍ପଣ କରାଯାଇଥିଲା । ଉତ୍କଳ ସମ୍ମିଳନୀ ଜଳେଶ୍ୱର ଶାଖା ର ଉପ ସଭାପତି ଶିକ୍ଷାବିତ୍ ଡଃ ଅଜିତ କୁମାର ମହାନ୍ତି ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ପ୍ରାଧ୍ୟାପକ ବିପିନ ବିହାରୀ ବିଶ୍ୱାଳ, ଦିଲ୍ଲୀପ କୁମାର ଗିରି, କୋଷାଧ୍ୟକ୍ଷ ରବିନ୍ଦ୍ର



ନାଥ ବାରିକ, କବି ରଂଜନ କୁମାର ଘୋଷ, କବି ବସନ୍ତ କୁମାର ଦାସ, ପଲ୍ ଟୁ ଦାସ, ଉତମ କୁମାର ପ୍ରଧାନ, ଅଜୟ କୁମାର ଗିରି, ଶରତଚନ୍ଦ୍ର ପରିଡା,ଗୈ ।ରୀ ରାଣୀ ପରିଡ଼ା, ବିମାନ ଦାସ, ବିରେନ୍ଦ୍ର ସିଂ,ଗୈ ।ୟାଙ୍ଗ ସିଂ ଧନ୍ୟବାଦ ଅର୍ପଣ କବି ରଂଜନ ଘୋଷ ।

# ବୃକ୍ଷରୋପଣ ହେଉଛି, ଭରଣା ହେଉନି ଜଙ୍ଗଲକ୍ଷୟ

ଜୟପୁର, (ହି.ସ.)- କୋରାପୁଟ ଜିଲ୍ଲାର ବିଭିନ୍ନ ଅଂଚଳରେ ନଦୀ,ନାଳ ବହୁଛି । ସେହିପରି ଅନେକ ନାଳ ଜଳଭଣ୍ଡାରର ପାଣି ଏହି ଅଂଚଳ ପାଇଁ ବରଦାନ କିନ୍ତୁ ଏଭଳି ଭୌଗୋଳିକ ଅବସ୍ଥିତି ସତ୍ୱେ ତାପମାତ୍ରା ବୃଦ୍ଧି ଓ ଜଳବାୟୁ ପରିବର୍ତନକୁ ନେଇ ଘୋର ସମସ୍ୟା ଭୋଗୁଛନ୍ତି କୋରାପୁଟ ଜିଲା ବାସୀ । ଏହା ଜିଲ୍ଲାପାଇଁ ଚିନ୍ତାର ବିଷୟ ହୋଇଛି । କିଛିଦିନ ହେଲା କୋରାପୁଟ ଜିଲାରେ ରେ ତାପମାତ୍ରା ୪୦ ଡିଗ୍ରିରୁ ଅଧିକ ରହୁଛି । କୋରାପୁଟ ଜିଲାରେ ଏତେ ତାପମାତ୍ର ବୃଦ୍ଧି ନେଇ ବୃଦ୍ଧିଜୀବୀ ମହଲରେ ଉଦ୍ୱେଗ ପ୍ରକାଶ ପାଇଛି । ପୂର୍ବେ ସମୟରେ ପ୍ରାକୃତିକ ସଂପଦ ଭରପୂର ଥିଲା ଏହି ଅଂଚଳ । କିନ୍ତୁ କ୍ରମେ ପ୍ରାକ୍ ପ୍ରାକୃତିକ ସମ୍ପଦ ବିଶେଷକରି ଜଙ୍ଗଲ ନଷ୍ଟ ଯୋଗୁ ଏଠାରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ କହିଛନ୍ତି । ତେବେ ଏହି ସ୍ଥିତିରେ ସୁଧାର ଆଣିବା ଓ ତାପମାତ୍ରାବୃଦ୍ଧିକୁ ନିୟନ୍ତ୍ରଣରେ ରଖିବା ପାଇଁ ସରକାରଙ୍କ ଦ୍ୱାରା ଓ ସରକାରୀ ପ୍ରୋତ୍ସାହନରେ କୋରାପୁଟ ଜିଲାର ସେମିଳିଗୁଡା, ବୋରିଗୁମ୍ମା, କୋଟପାଡ, ଲକ୍ଷ୍ମୀପୁର , ଲମତାପୁଟ କେ ବ୍ୟାପକ ବୃକ୍ଷରୋପଣ କରାଯାଉଛି । କିନ୍ତୁ କାଗଜପତ୍ରରେ କେବଳ ଜଙ୍ଗଲ ସୃଷ୍ଟି ହୋଇଛି । ବାସ୍ତବରେ ଅନୁରୂପ ଜଙ୍ଗଲ ନାହିଁ ବୋଲି ଜନସାଧାରଣରେ ଅଭିଯୋଗ ହେଉଛି । ପ୍ରତିବର୍ଷ ସରକାରୀ ସ୍ତରରେ ବ୍ୟାପକବୃକ୍ଷରୋପଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ପରିବେଶକୁ ସୁରକ୍ଷା ଦେବାରେ ଏହାର ପ୍ରଭାବ ପଡୁନାହିଁ । ଅନ୍ୟପକ୍ଷରେ ଜଳ ବାୟୁରେ ଘୋର ପରିବର୍ତନ ହେଉଥିବାର ଅଭିଯୋଗ ହେଉଛି । କୋରାପୁଟ ଜିଲାର ବିଭିନ୍ନ ବ୍ଲକର ବିଭିନ୍ନ ଅଂଚଳ ଜଙ୍ଗଲ, ପାହାଡ଼ ରାସ୍ତା କଡ଼ ମାନଙ୍କରେ ରହିଥିବାରୁ ଅଂଚଳକୁ ବେଶ ସୁହାଉଥିଲା । ଏବେ କିନ୍ତୁ ରାସ୍ତା ପ୍ରଶସ୍ତିକରଣ ନାମରେ ମହା ଦ୍ରୁମ ସବୁ ଛେଦନ କରାଯାଉଛି । ହେଲେ ଯେଉଁ ଜଙ୍ଗଲ କ୍ଷୟ ହେଉଛି ତାହା ଭରଣା ହୋଇ ପାରୁନାହିଁ । ଠିକାଦାର ଗଛ ଲଗାଇବାର ନିୟମ ଥିଲେ ମଧ୍ୟ ରାସ୍ତା କାମ ସାରି ଠିକାଦାର ଓ ତଦନ୍ତକାରି ଅଧିକାରୀ ଗଛ ଲଗାଇବାର କଥା ଭୁଲି ଯାଉଛନ୍ତି । ଏଥିପ୍ରତି ତଦାରଖ ଅଧିକାରୀ ଆଖି ବୁଜି ଦେଉଥିବା ଅଭିଯୋଗ ହୋଇଛି । କୋରାପୁଟ ଜିଲାରେ ଥିବା ବିଭିନ୍ନ ଲଣ୍ଡା ପାହାଡ଼ ବୃକ୍ଷ ରୋପଣ କାର୍ଯ୍ୟକ୍ରମକୁ ବନ ବିଭାଗ ହାତକୁ ନେଉଛନ୍ତି । ସହରର ଓ ଗ୍ରାମାଚଂଳରେ ଜଳ ଧାରଣ କ୍ଷମତା ବୃଦ୍ଧି ପାଇଁ ଅନେକ ପୋଖରୀମାନ ରହିଥିଲା । ହେଲେ ଏବେ ସମୟରେ କାଗଜ କଲମରେ ପୁନରୁଦ୍ଧାର ହେଉଥିବା ବେଳେ ଅନେକ ପୋଖରି ପୁନଃରୁଦ୍ଧାର ହୋଇପାରିନାହିଁ । ଅନେକ ଜାଗାରେ ପାରମ୍ପରିକ ଜଳ ପ୍ରବାହ ଓ ଜଳ ସ୍ରୋତ ଉଭେଇ ଗଲାଣି । ଏବେ ଜଳବାୟୁ ପରିବର୍ତନ ଦେଖି କୋରାପୁଟ ଜିଲା ବାସୀ ଆତଙ୍କିତ ହୋଇପଡିଲେଣି । କୋରାପୁଟ ଜିଲାରେ ଭୂତଳ ଜଳସ୍ତର ବର୍ଷକୁ ବର୍ଷ କମିଯାଉଥିବା ଅଭିଯୋଗ ହେଉଛି । ବିଭିନ୍ନ ଯୋଜନାରେ ଚାରା ରୋପଣ ନାଁରେ କୋଟି କୋଟି ଟଙ୍କା ଟଙ୍କା ଖର୍ଚ ହୋଇଥିବା ବେଳେ ଆଖି ଦୃଶିଆ ଜଙ୍ଗଲ ସୃଷ୍ଟି ହୋଇପାରୁ ନାହିଁ । ଫଳରେ ବନୀକରଣ କାର୍ଯ୍ୟକ୍ରମ କେବଳ ଧୂଆଁବାଣ ସଦୃଶ ହୋଇଛି । ରାଜ୍ୟରେ ନୂଆ ସରକାର କ୍ଷମତାକୁ ଆସିବା ସମୟରେ 'ଏକ ପେଡ଼ ମା' କେ ନାମ' ଅଭିଯାନ ଆରମ୍ଭ ହୋଇଥିଲା । ଏଥିରେ କୋରାପୁଟ ଜିଲାରେ କିଛିଟି ସ୍ଥାନରେ ଏହି ବୃକ୍ଷରୋପଣ ହୋଇଥିବା ବେଳେ 'ଏକ ପେଡ଼ ମାକେ ନାମ୍'ରେ ଗଛଗୁଡ଼ିକ ଲଗାଯାଇଥିଲା ତହା ଉଚ୍ଚସ୍ତରୀୟ ତଦନ୍ତ ସାପେକ୍ଷ ହୋଇପଡ଼ିଛି ।

# ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ଗୋପାଳପୁର ପାନ୍ଥନିବାସରେ 'ରଜ ମହୋତ୍ସବ-୨୦୨୬' ଧୂମ ଧାମରେ ପାଳିତ

ବ୍ରହ୍ମପୁର / ଗୋପାଳପୁର (ନି.ପ୍ର.) :ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ (ଡଞ୍ଜଉଉ) ପକ୍ଷରୁ ରାଜ୍ୟର ଗଣପର୍ବ 'ରଜ ଉତ୍ସବ କୁ ମହା ଆଡ଼ମ୍ବରରେ ପାଳନ କରାଯାଉଛି । ଜୁନ ୧୪ 'ପହିଲି ରଜ'ରୁ ଜୁନ ୧୬ 'ଭୂମି ଦାହନ' ପର୍ଯ୍ୟନ୍ତ ତିନି ଦିନ ଧରି ଗୋପାଳପୁର ସମୁଦ୍ରକୂଳରେ ଅବସ୍ଥିତ ପାନ୍ଥନିବାସ ସମେତ ରାଜ୍ୟର ୧୬ଟି ପାନ୍ଥନିବାସରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

ଗୋପାଳପୁର ପାନ୍ଥନିବାସ ଠାରେ ପାରମ୍ପରିକ ରଜ ଦୋଳି, ଆମ୍ବ ପତ୍ର, ଫୁଲ ମାଳା,ତୋରଣ ଓ ଝୋଟି ଚିତାରେ ସୁସଜ୍ଜିତ କରାଯାଇଛି । ସମୁଦ୍ରକୂଳର ମନୋରମ ପରିବେଶ ମଧ୍ୟରେ ପର୍ଯ୍ୟଟକମାନେ ରଜ ଦୋଳି ଖେଳିବା ସହ ଲୁଡୋ, ପୁଚି ଭଳି, ଲଉଡ଼ି ପାରମ୍ପରିକ ଖେଳର ପିଲାମାନେ ଆନନ୍ଦ ଉପଭୋଗ କରୁଛନ୍ତି । ଏହି ରଜ ଉତ୍ସବକୁ ଅଧିକ ସମୃଦ୍ଧ ଓ ସମାଜସେବାର ମୂଲ୍ୟବୋଧ ସହ ଯୋଡ଼ିବା ଉଦ୍ଦେଶ୍ୟରେ ରୋଟାରାକ୍ଟ କ୍ଲବ୍ ଅଫ୍ ବ୍ରହ୍ମପୁର ର ସହାୟତାରେ କନିଷିସ୍ଥିତ ନବଜୀବନ ସେବା ଟ୍ରଷ୍ଟର ୬୦ ଜଣ ଅନାଥ କନ୍ୟାଙ୍କୁ ଏହି ଉତ୍ସବରେ ସାମିଲ କରାଯାଇଥିଲା । ସେମାନେ ରଜ ପର୍ବର ଆନନ୍ଦ ଉପଭୋଗ କରିବା ସହ ଓଡ଼ିଶାର ଏହି ଅନନ୍ୟ



ପରମ୍ପରାକୁ ନିକଟରୁ ଅନୁଭବ କରିଥିଲେ । ଏହି ପଦକ୍ଷେପ ରଜ ପର୍ବର ଅନ୍ତର୍ନିହିତ ସମାବେଶୀ ମନୋଭାବ ଓ ସେବାଭାବକୁ ପ୍ରତିଫଳିତ କରିଥିଲା । ଏହି ଅବସରରେ ସମସ୍ତ ପାନ୍ଥନିବାସରେ ସ୍ୱତନ୍ତ୍ର 'ରଜ ଥାଳି'ର ବ୍ୟବସ୍ଥା କରାଯାଇଥିଲା । ଗୋପାଳପୁର ପାନ୍ଥନିବାସରେ ସ୍ଥାନୀୟ ସ୍ୱାଦର ପୋଡ଼ପିଠା, ମଣ୍ଡାପିଠା, କାକରା, ଆରିସା ପିଠା, ରଜ ପାନ, ଚକୁଳି ସହ ବ୍ରହ୍ମପୁରର ପ୍ରସିଦ୍ଧ ପଣା ପର୍ଯ୍ୟଟକଙ୍କୁ ପରିବେଷଣ କରାଯାଉଛି । ସନ୍ଧ୍ୟା ସମୟରେ ଗୋପାଳପୁର ବେଳାଭୂମିରେ ରଜ ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବକୁ ଅଧିକ ଆକର୍ଷଣୀୟ ହୋଇଥିଲା । ଗୋପାଳପୁର ପାନ୍ଥନିବାସର ମ୍ୟାନେଜର ସୟଦ୍ ତାରିକ୍ ଅଲ୍ଲୀ କହିଛନ୍ତି ଏହି ଉତ୍ସବ "ସମୁଦ୍ରକୂଳରେ ରଜ ପର୍ବ ପାଳନର ଅନୁଭୂତି ସ୍ୱତନ୍ତ୍ର । ଦେଶ-ବିଦେଶରୁ ଆସୁଥିବା ପର୍ଯ୍ୟଟକମାନେ ଓଡ଼ିଶାର ଏହି ନିଆରା ପରମ୍ପରାକୁ ନିକଟରୁ ଦେଖି ବେଶ ଖୁସି ହେଉଛନ୍ତି । ଚଳିତ ବର୍ଷ ପର୍ଯ୍ୟଟକଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି ।" ଏନ୍ ?ଏସି ଅଧ୍ୟକ୍ଷ ଜାନକୀ ରାମ କହିଛନ୍ତି ଯେ "ରଜ ହେଉଛି ଓଡ଼ିଆ ଅସ୍ମିତା ଓ ନାରୀଶକ୍ତିର ପ୍ରତୀକ । ଗୋପାଳପୁର,ରମ୍ଭା,ପୁରୀ, କୋଣାର୍କ ଓ ଚିଲିକା ଭଳି ପର୍ଯ୍ୟଟନସ୍ଥଳୀରେ ଥିବା ପାନ୍ଥନିବାସ ମାଧ୍ୟମରେ ଏହି ସମୃଦ୍ଧ ପରମ୍ପରାକୁ ବିଶ୍ୱ ଦରବାରରେ ପହଂଚାଇବା ହେଉଛି ଆମର ଲକ୍ଷ୍ୟ ।"ରୋଟାରାକ୍ଟ କ୍ଲବ୍ ଅଫ୍ ବ୍ରହ୍ମପୁର ପକ୍ଷରୁ ୨୦୨୫-୨୬ ବର୍ଷର ସଭାପତି ଆକାଶ ଜାମ୍ବୁଲା, ୨୦୨୬-୨୭ ବର୍ଷର ସଭାପତି ବାଲାଜୀ ପୋଲାକି, ୨୦୨୬-୨୭ ବର୍ଷର ସମ୍ପାଦକ ଏ. ଆଶିଷ ପାତ୍ରୋଙ୍କ ସମେତ ଅନ୍ୟ ୧୦ ଜଣ ରୋଟାରାକ୍ଟ ସଦସ୍ୟ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟକ୍ରମରେ ଯୋଗଦେଇ ସମଗ୍ର ଆୟୋଜନକୁ ସୁଚାରୁ ଭାବେ ପରିଚାଳନା କରିବା ସହ ଅନାଥ କନ୍ୟା ଓ ଅତିଥିମାନଙ୍କୁ ସହଯୋଗ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ପଂଚୁ ବେହେରା,ଉପାଧ୍ୟକ୍ଷ ବି ଉମା.କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ମନୋଜ କୁମାର ନାହାକ,ନାରାୟଣ ମହାଙ୍କୁଡ଼ ସମ୍ପାଦକ ପର୍ଯ୍ୟଟନ ଭାରତ,ପନ୍ଥାନିବାସ କର୍ମଚାରୀ ବାଇଲୋଚନ ବିଶ୍ୱାଳ, ସଂଜିତ ପାଢ଼ୀ, ପୁରୁଷୋତମ ରାଓ, ଦୀପକ ମାର୍ଥା ସହଯୋଗ କରିଥିଲେ ।

# ପାଣିରେ ବୁଡ଼ି ଶିଶୁ କନ୍ୟା ମୃତ

ନୀଳଗିରି,(ନି.ପ୍ର.),ରଜ ଉତ୍ସବରେ ସମସ୍ତେ ମସଗୁଲ୍ ଥିବାବେଳେ ରବିବାର ଦିନ ପରିବାରର ଆସିଥିଲା କଳାବାଦଲ । ଘଟଣା ଥିଲା ଏପରି ନୀଳଗିରି ଏନ.ଏ.ସି.ଅନ୍ତଗତ ପଣ୍ଡା ଆଫିସ ନିକଟସ୍ଥ ଗୁଣ୍ଟୁଣା ସାହିର ଭାଲୁଆ ସିଂ ପୁତ୍ର ଟୁନା ସିଂର ସ୍ତ୍ରୀ ରୀନୁ ପରିବାର ଘଟିଗଲା ଅଘଟଣ ।ଆଜି ପୂର୍ବାହ୍ନ ପ୍ରାୟ ୧୦ ଘଟିକା ସମୟରେ ଘର ର ପରିବାର ସମସ୍ତେ ରଜ ଉତ୍ସବ ରେ ମସଗୁଲ ଥିବା ବେଳେ ତାଙ୍କର ୪ ବର୍ଷର ଶିଶୁ କନ୍ୟା ନିକଟସ୍ଥ ଗାଡ଼ିଆରେ ପଡ଼ି ଭାସୁ ଥିବାର ପଡୋଶୀ ଦେଖି ଖବର ଦେଇଥିଲେ । ଖବର ଶୁଣି ଶିଶୁକନ୍ୟାର ମା, ବାପ, ପଡୋଶୀ ପହଂଚି କନ୍ୟାକୁ ନୀଳଗିରି ଚିକିତ୍ସାଳୟ କୁ ନେଇଥିଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶିଶୁ କନ୍ୟାର ମୃତ ଶୁଣି ଗ୍ରାମରେ ଶୋକାକୁଳ ଖେଳିଯାଇଛି ।ଏନେଇ ନୀଳଗିରି ଥାନାରେ ଏକ ଅପମୃତ ମାମଲା ରୁଜୁ ହୋଇଥିବା ଜଣାଯାଇଛି ।ତାଙ୍କର ୧ଝିଅ ଓ ୧ ପୁଅ ଥିବା ଜଣାପଡିଛି ।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା : ୩ ଗୁରୁତର

ଚମ୍ପୁଆ, (ହି.ସ.)- ଚମ୍ପୁଆ ବ୍ଲକ ଅନ୍ତର୍ଗତ ଭଣ୍ଡା ଛକ ନିକଟରେ ଆଜି ଏକ ଭୟାବହ ସଡ଼କ ଦୁର୍ଘଟଣା ଘଟିଯାଇଛି । ଦୁଇଟି ମୋଟରସାଇକେଲ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇଛନ୍ତି ।ସୂଚନା ଅନୁଯାୟୀ, ଉଚ୍ଚବାଲି ପଟୁ ଏକ ହିରୋ ସ୍ପ୍ଲେଣ୍ଡର ବାଇକ୍ ଯୋଗେ ଜଣେ ବ୍ୟକ୍ତି ଭଣ୍ଡା ଅଭିମୁଖେ ଆସୁଥିଲେ । ଏହି ସମୟରେ ବିପରୀତ ଦିଗରୁ ଅର୍ଥାତ୍ ଭଣ୍ଡା ମେଡିକାଲ ପଟୁ ଦ୍ରୁତଗତିରେ ଯାଉଥିବା ଆଉ ଏକ ହିରୋ ଏକ୍ସଟ୍ରିମ ବାଇକ୍ ସହ ଏହାର ସାମ୍ନାସାମନି ଧକ୍କା ହୋଇଥିଲା । ଏକ୍ସଟ୍ରିମ ବାଇକରେ ତିନି ଜଣ ବ୍ୟକ୍ତି ସବାର ଥିଲେ । ଧକ୍କା ଏତେ ଜୋରଦାର ଥିଲା ଯେ ଉଭୟ ବାଇକ୍ ସହ ସମସ୍ତ ଆରୋହୀ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ ।

# ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତି ଅବସରରେ ଛତ୍ରପୁର ଠାରେ ଆଇନ ମନ୍ତ୍ରୀ ତଥା ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ବୈଠକ

ବ୍ରହ୍ମପୁର(ନି.ପ୍ର.) : ଓଡ଼ିଶା ସରକାରଙ୍କ ଦୁଇ ବର୍ଷ ପୂର୍ତି ଅବସରରେ ଆୟୋଜିତ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅବସରରେ ଜ୍ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ସରକାରଙ୍କ ଆଇନ, ପୂର୍ତ ଓ ଅବକାରୀ ବିଭାଗ ମନ୍ତ୍ରୀ ତଥା ଗଞ୍ଜାମ ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ ଜିଲ୍ଲାର ବିଭିନ୍ନ ପ୍ରଗତି ଓ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ବୈଠକରେ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ସମେତ ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଓ୍ୱୀ. କୀର୍ତି ଭାସନ୍,ଆରକ୍ଷୀ ଅଧୀକ୍ଷକ ଶ୍ରୀ ହରିଶ ବିଶି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନାଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ ଦେବଦତ ପଣ୍ଡା, ଛତ୍ରପୁର ଉପ-ଜିଲ୍ଲାପାଳ ଶ୍ରୀ ଶିବାଶିଷ ବରାଳ ପ୍ରମୁଖ



ଯୋଗଦେଇଥିଲେ । ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ଭାସନ୍ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥାପନ କରିଥିଲେ । ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗଞ୍ଜାମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଗଞ୍ଜାମ ଟିମ୍ ?କୁ ଅଭିନନ୍ଦନ ଜଣାଇବା ସହ 'ସବକା ସାଥ୍, ସବକା ବିକାଶ, ସବକା ପ୍ରୟାସ'ର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ବ୍ରହ୍ମପୁରସ୍ଥିତ ହଳଦିଆପଦର ଇଡ୍ ?କୋ ଟାୱାର କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା କରାଯାଇଥିଲା । ଏହା ସହିତ ଗୋପାଳପୁର ବେଳାଭୂମିର ସାମଗ୍ରିକ ବିକାଶ ପୁରୀ ବେଳାଭୂମି ଢାଂଚାରେ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ । ଜିଲ୍ଲାର ପ୍ରତ୍ୟେକ ବ୍ଲକରେ 'ମଲ୍ଟି-ସ୍କିଲ୍ ତାଲିମ' ପ୍ରଦାନ କରାଯିବ, ଯାହାଦ୍ୱାରା ସ୍ଥାନୀୟ ଯୁବକଯୁବତୀମାନେ ଉପକୃତ ହୋଇପାରିବେ । ଏହା ସହିତ ଗ୍ରାମୀଣ ବିକାଶ ପରିଯୋଜନା, ଜଳଯୋଗାଣ, ସ୍ୱଚ୍ଛତା ଏବଂ ପାଣିପାଗ ପରିଚାଳନା କ୍ଷେତ୍ରରେ ତତ୍କାଳ ଆବଶ୍ୟକତା ଗୁଡ଼ିକର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟ ସେବାର ବିକାଶ ସହ ସାଧାରଣ ଲୋକଙ୍କ ଆପତି ଓ ଅଭିଯୋଗଗୁଡ଼ିକର ଶୀଘ୍ର ସମାଧାନ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । 'ଆମର ମୂଳ ଲକ୍ଷ୍ୟ ହେଉଛି ଗଞ୍ଜାମ ଜିଲ୍ଲାର ସାମାଜିକ ଓ ଆର୍ଥିକ ଉନ୍ନତିକୁ ତ୍ୱରିତ କରିବା । ଗ୍ରାମାଂଚଳର ସମସ୍ୟାଗୁଡ଼ିକୁ ସେହି ସ୍ତରରେ ଶୁଣି ସମାଧାନ କରିବା ଏବଂ ସରକାରୀ ସେବାଗୁଡ଼ିକୁ ସାଧାରଣ ଲୋକଙ୍କ ପାଖରେ ଦ୍ରୁତ ଗତିରେ ପହଂଚାଇବା ବୋଲି ସେ କହିଥିଲେ । ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକ, ଉଦ୍ୟୋଗ ଓ ବାଣିଜ୍ୟ ମହାସଂଘର ପ୍ରତିନିଧି, ମିଶନ ଶକ୍ତିର ମହିଳା ସଦସ୍ୟା, ମତ୍ସ୍ୟଜୀବୀ ଏବଂ ହୋଟେଲ ଇଣ୍ଡଷ୍ଟ୍ରିର ସଦସ୍ୟମାନଙ୍କ ସହ ସେମାନଙ୍କ ସୁବିଧା-ଅସୁବିଧା ଓ ସମସ୍ୟା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଉନ୍ନତିମୂଳକ ପଦକ୍ଷେପ ନେବାକୁ ସ୍ଥିର ହୋଇଥିଲା । ବ୍ରହ୍ମପୁର ଓ ଛତ୍ରପୁରର ବିକାଶ ପାଇଁ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସାଂସଦ ଶ୍ରୀ ପ୍ରଦୀପ ପାଣିଗ୍ରାହୀ ଏବଂ ଅନ୍ୟାନ୍ୟ ବିଧାୟକମାନେ ନିଜ ନିଜ ଅଂଚଳର ପ୍ରଗତି ଉପରେ ବକ୍ତବ୍ୟ ରଖିଥିଲେ ।ବୈଠକରେ ବ୍ରହ୍ମପୁର ସାଂସଦ ଡ଼ଃ ପ୍ରଦୀପ କୁମାର ପାଣିଗ୍ରାହୀ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, କବିସୂର୍ଯ୍ୟନଗର ବିଧାୟକ ଶ୍ରୀ ପ୍ରତାପ ଚନ୍ଦ୍ର ନାୟକ, ଛତ୍ରପୁର ବିଧାୟକ ଶ୍ରୀ କୃଷ୍ଣଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଶ୍ରୀ ଓ୍ୱୀ. କୀର୍ତି ଭାସନ୍, ଅତିରିକ୍ତ ଜିଲ୍ଲାପାଳ ଦେବଦତ ପଣ୍ଡା, ଛତ୍ରପୁର ଉପ-ଜିଲ୍ଲାପାଳ ଶିବାଶିଷ ବରାଳ, ପ୍ରୋବେସନର ଆଇ.ଏ.ଏସ୍. ଅଧିକାରୀ ସୁଶ୍ରୀ ସରନ୍ୟା, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ହରିଶ ବିଶି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ସମୀର କୁମାର ଜେନାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକ ଶେଷରେ ମାନ୍ୟବର ମନ୍ତ୍ରୀ, ସାଂସଦ ଏବଂ ବିଧାୟକମାନଙ୍କ ଦ୍ୱାରା ସରକାରଙ୍କ ସଫଳତାକୁ ନେଇ ଆୟୋଜିତ 'ବିକାଶର ଧାରା ଓଡ଼ିଶା ସାରା' ପ୍ରଦର୍ଶନୀ ମେଳାର ଶୁଭ ଉଦ୍ ?ଘାଟନ ହେବା ସହ ଅତିଥିମାନେ ଏହାକୁ ପରିଦର୍ଶନ କରିଥିଲେ ।

# ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ, ବିଶ୍ୱ ରକ୍ତଦାତା ଦିବସ ପାଳିତ

କନ୍ଧମାଳ, (ହି.ସ.)- ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଆଜି ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଇଛି । ଏହି ଅବସରରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବାଲିଗୁଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ବିପଦର ବନ୍ଧୁ' ର ସମସ୍ତ ସଦସ୍ୟ, ସଦସ୍ୟା ପୂର୍ଣ୍ଣ ସହଯୋଗ କରିବା ସହ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ । ସ୍ଥାନୀୟ ବିଏସ୍ଏଫ ଜବାନ, ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର, କର୍ମଚାରୀଙ୍କ ସମେତ ଅଂଚଳର ବହୁ ଯୁବକ ଯୁବତୀ ଏଥିରେ ସାମିଲ ହୋଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ଏହି ଶିବିରରେ ସମୁଦାୟ ୬୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ଜଣାପଡ଼ିଛି । ସବୁବେଳେ ଆବଶ୍ୟକ ରୋଗୀଙ୍କୁ ରକ୍ତଦାନ କରି ଲୋକଙ୍କ ଜୀବନ ବଂଚାଉଥିବା ବିପଦର ବନ୍ଧୁ ସଙ୍ଗଠନର ସଦସ୍ୟ, ସଦସ୍ୟାମାନଙ୍କୁ ଉତ୍ସାହିତ କରିବା ପାଇଁ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ସମ୍ମାନିତ କରିବା ସହ ମାନପତ୍ର ଦିଆଯାଇଛି । ସେପଟେ ଆସେ ଯେଉଁଭଳି ରୋଗୀ ସେବାରେ ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ସହଯୋଗ କରୁଛୁ ଏବଂ ଆବଶ୍ୟକ ରୋଗୀଙ୍କୁ ରକ୍ତଦାନ କରିଆସୁଛୁ ଏହି ସହଯୋଗ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି କହିଛନ୍ତି ବିପଦର ବନ୍ଧୁ ସଙ୍ଗଠନର ସଦସ୍ୟ ସୁନିଲ୍ ପାତ୍ର ଓ ସଦସ୍ୟା ତେଜସ୍ୱିନି ନାୟକ । ଅନ୍ୟପଟେ ବିପଦର ବନ୍ଧୁ ସଙ୍ଗଠନର ସଦସ୍ୟ,ସଦସ୍ୟା ଆମକୁ ସବେଳେ ସହଯୋଗ କରିବା ସହ ସ୍ୱେଚ୍ଛାକୃତ ଭାବେ ରୋଗୀଙ୍କୁ ରକ୍ତଦାନ କରୁଛନ୍ତି ଆମେ ସେମାନଙ୍କୁ ସାଧୁବାଦ ଜଣାଇବା ସହ ଆଗାମୀ ଦିନରେ ମଧ୍ୟ ତାଙ୍କ ସହଯୋଗ କାମନା କରୁଛୁ ବୋଲି କହିଛନ୍ତି ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଏସ୍. ରାମ ପାତ୍ର ।

# ବିଶିଷ୍ଟ ଶିକ୍ଷାବିତ୍ ନିର୍ମଳ ପଟ୍ଟନାୟକଙ୍କ ପରଲୋକ



ସୋର : ବିଶିଷ୍ଟ ଶିକ୍ଷାବିତ୍ ତଥା ପୂର୍ବତନ ଡିଆଇ ନିର୍ମଳ ପଟ୍ଟନାୟକଙ୍କ ନିଜ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା । ଶୁକ୍ରବାର ପୂର୍ବାହ୍ନରେ ତାଙ୍କର ପାର୍ଥିବ ଶରୀରକୁ ସୋର ବ୍ଲକ୍‌ସ୍ଥିତ କେଶରୀପୁର ଶତ୍ରୁଘ୍ନନାଥ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଅଣାଯାଇଥିଲା । ସ୍କୁଲରେ ଉପସ୍ଥିତ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ପୁରାତନ ଛାତ୍ରଛାତ୍ରୀ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସୂଚନାଯୋଗ୍ୟ ସ୍ୱର୍ଗତ ପଟ୍ଟନାୟକ ଉକ୍ତ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରି ସର୍ବାଙ୍ଗୀନ ଉନ୍ନତି ପାଇଁ ଚେଷ୍ଟା କରିଥିଲେ । ପରେ ଇଶ୍ୱରପୁର ହାଇସ୍କୁଲରେ କିଛିବର୍ଷ ପ୍ରଧାନ ଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ । ସୋର ଡିଆଇ ଭାବେ ୨୦୦୮ ମସିହା ଅକ୍ଟୋବର ୨୪ରୁ ୨୦୧୧ ମସିହା ଜୁଲାଇ ୪ ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ସ୍ଥାନୀୟ ଅଂଚଳର ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି ।











## ୧୨ ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଐତିହାସିକ ପରିବର୍ତ୍ତନ ଆସିଛି

# କୋଟି କୋଟି ଲୋକ ଆୟୁଷ୍ମାନ ଭାରତ ଏବଂ ଜନଔଷଧି ଯୋଜନା ଦ୍ୱାରା ଉପକୃତ ହୋଇଛନ୍ତି : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ : କେନ୍ଦ୍ର ସରକାରଙ୍କ ୧୨ ବର୍ଷ ପୂରଣ ଅବସରରେ ସ୍ୱାସ୍ଥ୍ୟ



ସେବା କ୍ଷେତ୍ରରେ ପରିବର୍ତ୍ତନ ଏବଂ ସଫଳତା ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, ଗତ ଏକ ଦଶନ୍ଧିରୁ ଅଧିକ ସମୟ ମଧ୍ୟରେ ଭାରତ ସାଧାରଣ ଲୋକଙ୍କ ପାଇଁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଆଣିବା ଏବଂ ଚିକିତ୍ସାକୁ ଅଧିକ ସୁଲଭ କରିବାରେ ଉଲ୍ଲେଖନୀୟ ଅଗ୍ରଗତି କରିଛି । ସେ କହିଥିଲେ ଯେ, ଆୟୁଷ୍ମାନ ଭାରତ ଏବଂ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା ଭଳି ଯୋଜନା କୋଟି କୋଟି ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ଦିଗରେ କାର୍ଯ୍ୟ କରିଛି । ରବିବାର ଦିନ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସ ରେ ସେୟାର ହୋଇଥିବା ଏକ ବାର୍ତ୍ତାରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ, ଆୟୁଷ୍ମାନ ଭାରତ ଆଜି ବିଶ୍ୱର ସର୍ବବୃହତ ସ୍ୱାସ୍ଥ୍ୟ ସୁରକ୍ଷା କାର୍ଯ୍ୟକ୍ରମରେ ପରିଣତ ହୋଇଛି । ସମାଜର ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ବଂଚିତ ବର୍ଗଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାରେ ଏହି ଯୋଜନା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି । ସେ କହିଥିଲେ ଯେ, ଏହି ଯୋଜନା ଜରିଆରେ ଲକ୍ଷ ଲକ୍ଷ ପରିବାରକୁ ଗୁରୁତର ରୋଗର ଚିକିତ୍ସାରେ ଆର୍ଥିକ ସହାୟତା ମିଳିଛି । ପ୍ରଧାନମନ୍ତ୍ରୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା ଅଧୀନରେ ସାରା ଦେଶରେ ସୁଲଭ ମୂଲ୍ୟରେ ଗୁଣାତ୍ମକ ମାନର ଔଷଧ ଉପଲବ୍ଧ କରାଯାଉଛି । ଏହାଦ୍ୱାରା ସାଧାରଣ ନାଗରିକ, ବିଶେଷ କରି ଗରିବ ଏବଂ ମଧ୍ୟମ ବର୍ଗଙ୍କ ଚିକିତ୍ସା ଖର୍ଚ୍ଚରେ ଉଲ୍ଲେଖନୀୟ ହ୍ରାସ ଘଟିଛି । ସେ ସୂଚନା ଦେଇଛନ୍ତି ଯେ, ସରକାର ହୃଦରୋଗୀଙ୍କ ପାଇଁ ବ୍ୟବହୃତ ଷ୍ଟେଂଟ ଏବଂ ଆଣ୍ଠୁ ପ୍ରତିରୋପଣର ମୂଲ୍ୟକୁ ନିୟନ୍ତ୍ରଣ କରି ଚିକିତ୍ସାକୁ ଅଧିକ ସୁଲଭ କରିଛନ୍ତି, ଯାହା ଫଳରେ ବହୁ ସଂଖ୍ୟକ ରୋଗୀ ଉପକୃତ ହୋଇଛନ୍ତି ।

# ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ସମଗ୍ର ସ୍ୱାସ୍ଥ୍ୟ ଯୋଜନା ଦ୍ରୁତ ଗତିରେ ଆଗେଇ ଚାଲିଛି : ଧର୍ମେନ୍ଦ୍ର ପ୍ରଧାନ



ଭୁବନେଶ୍ୱର : କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଭାରତ ବର୍ତ୍ତମାନ କେବଳ ଚିକିତ୍ସାକେନ୍ଦ୍ରିକ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ସୀମିତ ନ ରହି ପ୍ରତିଷେଧକ ସ୍ୱାସ୍ଥ୍ୟସେବା, ସମୟୋପଯୁକ୍ତ ରୋଗ ଚିହ୍ନଟ ଏବଂ ସମଗ୍ର ସ୍ୱାସ୍ଥ୍ୟ ମଡେଲ ଦିଗରେ ଦ୍ରୁତ ଗତିରେ ଆଗେଇ ଚାଲିଛି । ସୋସିଆଲ ମିଡିଆରେ ପ୍ରକାଶିତ ଏକ ବାର୍ତ୍ତାରେ ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ 'ସମଗ୍ର ସ୍ୱାସ୍ଥ୍ୟ'ର ଲକ୍ଷ୍ୟକୁ ସାକାର କରିବା ଦିଗରେ ନିରନ୍ତର ପଦକ୍ଷେପ ନେଉଛି । ଏହା ଅନ୍ତର୍ଗତ ପ୍ରତିଷେଧକ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରାଯାଉଥିବା ବେଳେ ରୋଗର ପ୍ରାରମ୍ଭିକ ଚିହ୍ନଟକୁ ପ୍ରୋତ୍ସାହନ ଦିଆଯାଉଛି ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଲଭ ଓ ସମାବେଶୀ କରାଯାଉଛି । ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ଏକ ବିକଶିତ ଭାରତ ଗଠନ ପାଇଁ ସୁସ୍ଥ, ସଶକ୍ତ ଓ ସଚେତନ ସମାଜ ଅତ୍ୟାବଶ୍ୟକ । ସ୍ୱାସ୍ଥ୍ୟ କ୍ଷେତ୍ରରେ କରାଯାଉଥିବା ସଂସ୍କାର ଓ ସୁଧାର ଦେଶକୁ ସମାବେଶୀ ବିକାଶ ଏବଂ ଉନ୍ନତ ଜୀବନମାନ ଦିଗରେ ଆଗକୁ ନେଉଥିବା ସେ ଉଲ୍ଲେଖ କରିଛନ୍ତି ।

## ସହରାଂଚଳରେ ଭଡ଼ାରେ ରହୁଥିବା ଲୋକଙ୍କ ପାଇଁ ଲାଗୁହେବ ନୂଆ ରେଂଟାଲ ହାଉସିଂ ପଲିସି : ନଗର ଉନ୍ନୟନ ମନ୍ତ୍ରୀ



ଭୁବନେଶ୍ୱର : ରାଜ୍ୟର ସହରାଂଚଳରେ ବାସସ୍ଥାନ ସମସ୍ୟା ଦୂର କରିବା ଏବଂ ଭଡ଼ାଟିଆଙ୍କୁ ସୁଲଭ ମୂଲ୍ୟରେ ଘର ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ନୂଆ ରେଂଟାଲ ହାଉସିଂ ପଲିସି ଆଣିଛନ୍ତି । ଏନେଇ ନଗର ଉନ୍ନୟନ ମନ୍ତ୍ରୀ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଭଡ଼ା ଘରର ଚାହିଦା ବଢୁଥିବା ବେଳେ ସରକାର ଏହି ନୂଆ ପଦକ୍ଷେପ ଗ୍ରହଣ କରିଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ବିଶେଷକରି ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସହରକୁ ପ୍ରତିଦିନ ବହୁ ଲୋକ ରୋଜଗାର, ଶିକ୍ଷା ଓ ବ୍ୟବସାୟିକ କାରଣରୁ ଆସୁଛନ୍ତି । କିନ୍ତୁ ସେମାନଙ୍କ ପାଇଁ ସୁଲଭ ଦରରେ ଭଡ଼ା ଘର ଉପଲବ୍ଧ ହେଉ ନ ଥିବାରୁ ବସ୍ତି ବସତି ବୃଦ୍ଧି ପାଉଛି । ଏହି ସମସ୍ୟାର ସମାଧାନ ପାଇଁ ସରକାର ରେଂଟାଲ ହାଉସିଂ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇଛନ୍ତି ।

## ମହାକାଳପଡ଼ା ସରପଂଚଙ୍କ ବିବାଦ :

# ବିସ୍ତୃତ ରିପୋର୍ଟ ମାଗିଲେ ରାଜ୍ୟ ସରକାର



ଭୁବନେଶ୍ୱର : କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ସରପଂଚ ଚାମେଲି ଓଝାଙ୍କୁ ନେଇ ଉପୁଜିଥିବା ବିବାଦ ପ୍ରସଙ୍ଗରେ ରାଜ୍ୟ ସରକାର ବିସ୍ତୃତ ରିପୋର୍ଟ ତଲବ କରିଛନ୍ତି । ରବିବାର ଏନେଇ ସୂଚନା ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ଘଟଣାର ସମସ୍ତ ତଥ୍ୟ ଯାଂଚ ପରେ ସରକାର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ । ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ଘଟଣା ଉପରେ ନଜର ରଖିଛନ୍ତି ଏବଂ ସ୍ଥାନୀୟ ପୋଲିସ ଓ ଜିଲ୍ଲା ପ୍ରଶାସନଠାରୁ ଏକ ସମ୍ପୂର୍ଣ୍ଣ ରିପୋର୍ଟ ମଗାଯାଇଛି । ସେ କହିଛନ୍ତି, ଗଣମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେଉଥିବା ଅଭିଯୋଗ ଓ ଦାବିଗୁଡ଼ିକର ସତ୍ୟତା ସମ୍ପର୍କିତ କର୍ତ୍ତୃପକ୍ଷଙ୍କ ଅଧିକାରିକ ରିପୋର୍ଟ ଆସିବା ପରେ ହିଁ ସ୍ପଷ୍ଟ ହୋଇପାରିବ । ଅଧିକାରିକ ତଥ୍ୟ ନ ଆସିବା ପୂର୍ବରୁ କୌଣସି ନିଷ୍କର୍ଷରେ ପହଂଚିବା ଉଚିତ ହେବ ନାହିଁ ବୋଲି ସେ ମତ ରଖିଛନ୍ତି । ଆଇନ ମନ୍ତ୍ରୀଙ୍କ କହିବାନୁସାରେ, ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ଙ୍କୁ ଘଟଣାର ବିସ୍ତୃତ ବିବରଣୀ ପ୍ରଦାନ କରିବାକୁ କୁହାଯାଇଛି । ରିପୋର୍ଟ ମିଳିବା ପରେ ସରକାର ଘଟଣାର ସମସ୍ତ ଦିଗକୁ ତର୍ଜମା କରି ଆବଶ୍ୟକ ପଦକ୍ଷେପ ନେବେ । ସେ ଆହୁରି କହିଛନ୍ତି ଯେ, ଏଭଳି ଘଟଣାରେ ରାଜନୈତିକ ପ୍ରତିକ୍ରିୟା ଏବଂ ଘଟଣାକୁ ରାଜନୈତିକ ରଙ୍ଗ ଦେବାର ଉଦ୍ୟମ ସାଧାରଣ କଥା । ତେଣୁ ତଦନ୍ତ ଏବଂ ତଥ୍ୟ ଅନୁସନ୍ଧାନ ପ୍ରକ୍ରିୟା ଶେଷ ନ ହେବା ପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ବିସ୍ତୃତ ମନ୍ତବ୍ୟ ଦେବା ଉଚିତ ହେବ ନାହିଁ । ରିପୋର୍ଟ ପ୍ରାପ୍ତ ହେବା ପରେ ଘଟଣାରେ କେଉଁମାନେ ସମ୍ପୃକ୍ତ ଅଛନ୍ତି, କୌଣସି ଅନିୟମିତତା କିମ୍ବା ତ୍ରୁଟି ଘଟିଛି କି ନାହିଁ, ସେନେଇ ସରକାର ତଦନ୍ତ କରିବେ । ଆବଶ୍ୟକ ସ୍ଥଳେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି । ଯାଂଚ ହୋଇଥିବା ତଥ୍ୟ ଏବଂ ଅଧିକାରିକ ରିପୋର୍ଟ ଆଧାରରେ ହିଁ ଉତରଦାୟିତ୍ୱ ନିର୍ଦ୍ଧାରଣ କରାଯିବ ବୋଲି ସେ ପୁନର୍ବାର ଦୋହରାଇଛନ୍ତି ।

# ସଡ଼କ ସଂଯୋଗର ନୂଆ ଯୁଗ : ବିକଶିତ ଭାରତ ସ୍ୱପ୍ନକୁ ଶକ୍ତି ଯୋଗାଉଛି ରାଜପଥ ପରିବର୍ତ୍ତନ

ନୂଆଦିଲ୍ଲୀ : ଗତ ବାର ବର୍ଷ ଧରି, ଭାରତ ଏହାର ସଡ଼କ ଭିତିଭୂମି କ୍ଷେତ୍ରରେ ଏକ ଅଭୂତପୂର୍ବ ପରିବର୍ତ୍ତନ ଦେଖିଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଏବଂ






ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରୀ ଶ୍ରୀ ନୀତିନ ଗଡ଼କରୀଙ୍କ ମାର୍ଗଦର୍ଶନରେ, ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ (ଏମଓଆରଟିଏଚ୍) ସଂଯୋଗୀକରଣ କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ କରିଛି । ଏହା ଅର୍ଥନୈତିକ ଅଭିବୃଦ୍ଧିକୁ ସୁଦୃଢ଼ କରିଛି, ଲଜିଷ୍ଟିକ୍ସ ଦକ୍ଷତାରେ ଉନ୍ନତି ଆଣିଛି ଏବଂ ଲକ୍ଷ ଲକ୍ଷ ନାଗରିକଙ୍କ ପାଇଁ ଯାତ୍ରାକୁ ସହଜ କରିଛି । ବିଶ୍ୱସ୍ତରୀୟ ଭିତିଭୂମିକୁ ଜାତୀୟ ବିକାଶର ଏକ ପ୍ରମୁଖ ବାହକ ଭାବରେ ସ୍ୱୀକାର କରି, ସରକାର ସଂଯୋଗୀକରଣ ବୃଦ୍ଧି, ଯାତ୍ରା ସମୟ ହ୍ରାସ, ସଡ଼କ ସୁରକ୍ଷାରେ ଉନ୍ନତି ଏବଂ ସମାବେଶୀ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ଅନେକ ପରିବର୍ତ୍ତନକାରୀ ପଦକ୍ଷେପ ଗ୍ରହଣ କରିଛନ୍ତି । ଜାତୀୟ ରାଜପଥ ନେଟୱାର୍କର ଦ୍ରୁତ ପ୍ରସାର, ରେକର୍ଡ ପରିମାଣର ନିର୍ମାଣର ଗତି ଏବଂ ଚମତ୍କାର ଏକ୍ସପ୍ରେସୱେର ବିକାଶ ସାମୂହିକ ଭାବରେ ଭାରତର ପରିବହନ ବ୍ୟବସ୍ଥାକୁ ପୁନଃଆକାର ପ୍ରଦାନ କରିଛି ଏବଂ ଏକ ଆଧୁନିକ ଏବଂ ସ୍ୱାବଲମ୍ବୀ ରାଷ୍ଟ୍ରର ମୂଳଦୁଆକୁ ମଜବୁତ କରିଛି । ଭାରତମାଳା ପରିଯୋଜନା : ସମନ୍ୱିତ ଜାତୀୟ ସଂଯୋଗୀକରଣ ପାଇଁ ଏକ ଦୃଷ୍ଟିକୋଣ ରାଜପଥ କ୍ଷେତ୍ରରେ ସବୁଠାରୁ ରୂପାନ୍ତରଣକାରୀ ପଦକ୍ଷେପ ମଧ୍ୟରୁ ଗୋଟିଏ ହେଉଛି 'ଭାରତମାଳା ପରିଯୋଜନା' । ଏହା ଏକ ପ୍ରମୁଖ କାର୍ଯ୍ୟକ୍ରମ ଯାହା ସାରା ଦେଶରେ ମାଲ ପରିବହନ ଏବଂ ଯାତ୍ରୀଙ୍କ ପରିବହନକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଛି । ଅକ୍ଟୋବର ୨୦୧୭ରେ ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ଏହି କାର୍ଯ୍ୟକ୍ରମ ଅଧୀନରେ, ୫.୩୫ ଲକ୍ଷ କୋଟି ଟଙ୍କାର ଆନୁମାନିକ ମୂଲ୍ୟରେ ୩୪,୮୦୦ କିଲୋମିଟର ଜାତୀୟ ରାଜପଥ କରିଡର ବିକଶିତ କରାଯିବାକୁ ଯୋଜନା କରାଯାଇଛି । ଏହି କାର୍ଯ୍ୟକ୍ରମ ଅର୍ଥନୈତିକ କରିଡର, ଆନ୍ତଃ-କରିଡର ଏବଂ ଫିଡର ରୁଟ୍, ଜାତୀୟ କରିଡର କ୍ଷମତା ବୃଦ୍ଧି ପ୍ରକଳ୍ପ, ସୀମାନ୍ତ ରାସ୍ତା, ଉପକୂଳ ରାସ୍ତା, ବନ୍ଦର ସଂଯୋଗ ରାସ୍ତା ଏବଂ ଏକ୍ସପ୍ରେସୱେର ବିକାଶ ଉପରେ ଧ୍ୟାନ ଦିଏ ।






# ମହିଳା ଟ୍ୱେଂଟି-୨୦ ବିଶ୍ୱକପ୍ : ପାକିସ୍ତାନକୁ ହରାଇ ଭାରତ ବିଜୟ

ବର୍ମିଂହାମ : ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଦ୍ୱାରା



ପରିଚାଳିତ ମହିଳା ଟ୍ୱେଂଟି-୨୦ ବିଶ୍ୱକପରେ ଭାରତୀୟ ଦଳ ଆଜି ପାକିସ୍ତାନକୁ ଭେଟିଛି । ବର୍ମିଂହାମର ଏଜବେଷ୍ଟନ ପଡ଼ିଆରେ ଭାରତୀୟ ଟିମ୍ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲା । ହରମନପ୍ରୀତ କୌରଙ୍କ ନେତୃତ୍ୱରେ ଭାରତୀୟ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୬ଟି ୱିକେଟ୍ ହରାଇ ୧୭୦ ରନ୍ କରିଛି । ଫଳରେ ଏହି ମ୍ୟାଚ୍ ଜିତିବା ପାଇଁ ପାକିସ୍ତାନକୁ ୧୭୧ ରନ୍‌ର ଲକ୍ଷ୍ୟ ମିଳିଛି । ଭାରତ ପାଇଁ ସ୍ମୃତି ମନ୍ଧାନା ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ । ସେ ୪୪ଟି ବଲ୍ ଖେଳି ୯ଟି ଚୌକା ଏବଂ ୨ଟି ଛକା ବଳରେ ୬୮ ରନ୍ ସଂଗ୍ରହ କରିଥିଲେ । ସେହିପରି ହରମନପ୍ରୀତ କୌର ୩୫ଟି ବଲ୍ ଖେଳି ୪ଟି ଚୌକା ସହାୟତାରେ ୩୬ ରନ୍ ସଂଗ୍ରହ କରିଥିଲେ । ପ୍ରାରମ୍ଭିକ ବ୍ୟାଟର ସେଫାଳି ବର୍ମା ୬ ରନ୍ ଏବଂ ଭାରତୀ ଫୁଲମାଳି ଏକ ରନ୍ କରିଥିଲେ । ରିଚା ଘୋଷ ୧୭ଟି ବଲ୍ ଖେଳି ୫ଟି ଚୌକା ଏବଂ ଗୋଟିଏ ଛକା ବଳରେ ୩୪ ରନ୍ କରିଥିଲେ । ଦୀପ୍ତି ଶର୍ମା ୧୨ ରନ୍ କରିଥିଲେ । ଏଥିରେ ସେ ଗୋଟିଏ ଚୌକା ସାମିଲ କରିଥିଲେ । ପାକିସ୍ତାନ ପକ୍ଷରୁ ସାଦିଆ ଇକ୍‌ବାଲ ଏବଂ ଅଧିନାୟକ ଫତିମା ସାନା ୨ଟି ଲେଖାଏଁ ୱିକେଟ୍ ଅକ୍ତିଆର କରିତିଲେ । ସେହିପରି ତସିମା ରୁବାବ ଏବଂ ରମୀନ ଶମିମ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ ।






Printed & Published by **Kishore Das**, Owner & Editor **Nirmalya Mohanty** & Printed at **Nirmalya Offset Press**, Neliabag, Balasore & Published at Balasore, Gopalgaon, Balasore, Odisha, Pin-756001, Telefax-262694, Phone-(R)269427, 266035,
Managing Editor- **Laxminarayan Mohanty,** ପରିଚାଳନା ସମ୍ପାଦକ- ଲକ୍ଷ୍ମୀନାରାୟଣ ମହାନ୍ତି BBSR (Office) Telefax- 0674-2395135, Editor- **Nirmalya Mohanty,** ସମ୍ପାଦକ- **ନିର୍ମାଲ୍ୟ ମହାନ୍ତି**